ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୦୫ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 05 August 2026
Vol.No. 36 ■ No.204 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net

## ଟ୍ରମ୍ପଙ୍କ ଶୁଳ୍କ ବିରୋଧରେ ୨୫ଟି ରାଜ୍ୟ ଏକଜୁଟ : ଆମେରିକୀୟ ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟର ଦ୍ୱାରସ୍ଥ



ୱାଶିଂଟନ,୦୪/୦୮ : (ହି.ସ) - ଆମେରିକାର ପଚିଶଟି ଡେମୋକ୍ରାଟିକ୍-ଶାସିତ ରାଜ୍ୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ନୀତି ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି। ଏହି ରାଜ୍ୟଗୁଡ଼ିକ ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ କୋର୍ଟରେ ଟ୍ରମ୍ପ ପ୍ରଶାସନ ବିରୁଦ୍ଧରେ ଏକ ମାମଲା ଦାୟର କରିଛନ୍ତି।ଆମେରିକା ସମୟ ଅନୁଯାୟୀ ସୋମବାର ଦାୟର କରାଯାଇଥିବା ଏକ ମାମଲା ରେ ନ୍ୟୁୟର୍କ ଆଟର୍ଣ୍ଣି ଜେନେରାଲ ଲେଟିଟିଆ ଜେମ୍ସ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ପରିବାର ଏବଂ ବ୍ୟବସାୟ ଉପରେ ବେଆଇନ ଭାବରେ ଟିକସ ବୃଦ୍ଧି କରୁଛି। ଟ୍ରମ୍ପ ଯୁକ୍ତି ଦେଇଛନ୍ତି ଯେ ଉଚ୍ଚ ଶୁଳ୍କ ଆମେରିକୀୟ ଉତ୍ପାଦନକୁ ପୁନର୍ଜୀବିତ କରିବ। ସେ ୧୯୭୭ ର ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ (ଆଇଇଇପିଏ) କୁ ଉଦ୍ଧୃତ କରିଥିଲେ। ସେ ବାଣିଜ୍ୟ ନିଅଣ୍ଟକୁ ଏକ ଜାତୀୟ ଜରୁରୀକାଳୀନ ବୋଲି କହି ପ୍ରାୟ ପ୍ରତ୍ୟେକ ଦେଶରୁ ଆମଦାନୀ ଉପରେ ଶୁଳ୍କ ଲାଗୁ କରିଥିଲେ।ଆମେରିକୀୟ ନ୍ୟୁଜ୍ ୱେବସାଇଟ୍ ପଲିଟିକୋର ଏକ ରିପୋର୍ଟ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ନୂତନ ଶୁଳ୍କ ଫେବୃଆରୀରେ ସୁପ୍ରିମକୋର୍ଟ ଦ୍ୱାରା ପ୍ରତ୍ୟାହାର କରାଯାଇଥିବା ଆମଦାନୀ କରକୁ ବଦଳାଇବା ପାଇଁ ଏକ ବାହାନା। ଗତ ମାସରେ, ଜୁଲାଇରେ, ଆମେରିକା ୫୯ଟି ଦେଶ ଏବଂ ୟୁରୋପୀୟ ସଂଘ ଉପରେ ଦୁଇ ଅଙ୍କ ବିଶିଷ୍ଟ ଶୁଳ୍କ ଲାଗୁ କରିଥିଲା। ବାଧ୍ୟତାମୂଳକ ଶ୍ରମ ବ୍ୟବହାର କରି ଉତ୍ପାଦିତ ଆମଦାନୀ ବିରୁଦ୍ଧରେ ପର୍ଯ୍ୟାପ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପାଇଁ ଏହି ଶୁଳ୍କ ଲାଗୁ କରାଯାଇଥିଲା। ପ୍ରକୃତରେ, ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ଆଇଇଇପିଏ ଶୁଳ୍କକୁ ଅନୁମୋଦନ କରେ ନାହିଁ। ଏହି ନିଷ୍ପତ୍ତି ପରେ, ପ୍ରଶାସନକୁ ଶୁଳ୍କ ପ୍ରଦାନ କରିଥିବା ଆମଦାନୀକାରୀଙ୍କୁ ଟଙ୍କା ଫେରସ୍ତ କରିବାକୁ ପଡିଲା।ତା'ପରେ ଟ୍ରମ୍ପ ରାଜସ୍ୱ କ୍ଷତିର କ୍ଷତିପୂରଣ ପାଇଁ ଅସ୍ଥାୟୀ ଭାବରେ ୧୦ ପ୍ରତିଶତ ବିଶ୍ୱ ଶୁଳ୍କ ଲାଗୁ କରିଥିଲେ। ଏହି ଶୁଳ୍କଗୁଡ଼ିକର ମିଆଦ ଜୁଲାଇ ୨୪ ରେ ଶେଷ ହୋଇଥିଲା। ବର୍ତ୍ତମାନ, ଟ୍ରମ୍ପ ୧୯୭୪ ର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ଅଧିକ ସ୍ଥାୟୀ ଶୁଳ୍କ ଲାଗୁ କରୁଛନ୍ତି। ଏହି ଧାରା ରାଷ୍ଟ୍ରପତିଙ୍କୁ ଅନୁଚିତ ବାଣିଜ୍ୟ ଅଭ୍ୟାସରେ ଲିପ୍ତ ଦେଶଗୁଡ଼ିକ ବିରୁଦ୍ଧରେ ଆମଦାନୀ ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ। ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ଚୀନ୍ ଉପରେ ବଡ଼ ଶୁଳ୍କ ଲାଗୁ କରିବା ପାଇଁ ଧାରା ୩୦୧ ବ୍ୟବହାର କରିଥିଲେ ଏବଂ ସେମାନେ କୋର୍ଟ ଚ୍ୟାଲେଞ୍ଜରୁ ବଞ୍ଚି ରହିଥିଲେ।

## ଯଦି କେହି ଇସ୍ତଫା ଦିଅନ୍ତି ତେବେ ମାତ୍ର କିଛି ମିନିଟ୍ ମଧ୍ୟରେ ମୁଁ ଏହାକୁ ଗ୍ରହଣ କରିବି : ଶିବକୁମାର



ନୂଆଦିଲ୍ଲୀ, ୦୪/୦୮ : କର୍ଣ୍ଣାଟକରେ ସୋମବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନଥିବା କିଛି ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ଗତକାଲି କର୍ଣ୍ଣାଟକ ବିଧାନସଭାରୁ ଇସ୍ତଫା ଦେଇଛନ୍ତି। କର୍ଣ୍ଣାଟକରେ ସୋମବାର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇନଥିବା କିଛି ଅସନ୍ତୁଷ୍ଟ କଂଗ୍ରେସ ବିଧାୟକ ଗତକାଲି କର୍ଣ୍ଣାଟକ ବିଧାନସଭାରୁ ଇସ୍ତଫା ଦେଇଛନ୍ତି । ଉକ୍ତ ଘଟଣାରେ ପ୍ରତିକ୍ରିୟା ରଖି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଅସନ୍ତୁଷ୍ଟ ନେତାମାନଙ୍କୁ ଖୋଲା ଚେତାବନୀ ଦେଇଛନ୍ତି। ସାମ୍ବାଦିକଙ୍କୁ ଟିପ୍ପଣୀ ଦେଇ ଶିବକୁମାର କହିଛନ୍ତି, ଯଦି କେହି ଇସ୍ତଫା ଦିଅନ୍ତି ତେବେ ମାତ୍ର କିଛି ମିନିଟ୍ ମଧ୍ୟରେ ମୁଁ ଏହାକୁ ଗ୍ରହଣ କରିବି। ମୁଖ୍ୟମନ୍ତ୍ରୀ ମଧ୍ୟ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଧୈର୍ଯ୍ୟ ରଖିବାପାଇଁ କହିଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ ବ୍ୟକ୍ତିଗତ ରାଜନେ?ତିକ ସ୍ୱାର୍ଥ ଅପେକ୍ଷା କଂଗ୍ରେସ ଦଳ ଅଧିକ ଗୁରୁତ୍ୱପୂର୍ଣ୍ଣ। ଶିବକୁମାର କହିଛନ୍ତି, ମୋର ଯାହା କହିବାର କଥା ମୁଁ କହିଲି। ରାଜନୀତିରେ ଇସ୍ତଫା ଦିଆଯାଏ। ଇସ୍ତଫାକୁ କେହି ଅଟକାଇ ପାରିବେନି। ଯଦି ସେମାନେ ଦଳ ଏବଂ ସେମାନଙ୍କ ଭବିଷ୍ୟତ ଚାହୁଁଛନ୍ତି ତେବେ ଦଳ ହେଉଛି ଗୁରୁତ୍ୱପୂର୍ଣ୍ଣ। ଯଦି ଦଳ ଅଛି ତେବେ ସବୁକିଛି ଅଛି ବୋଲି ସେ କହିଛନ୍ତି। ଶିବକୁମାର ଏହି କ୍ରମରେ ତାଙ୍କ ନିଜ ରାଜନୈତିକ କ୍ୟାରିୟର ବିଷୟରେ ବର୍ଣ୍ଣନା କରିଛନ୍ତି। ଶିବକୁମାର କହିଛନ୍ତି, ସେ ନିଜେ ମଧ୍ୟ ଧରମ ସିଂହ ଏବଂ ସିଦ୍ଦରମେୟାଙ୍କ ମୁଖ୍ୟମନ୍ତ୍ରୀ କାର୍ଯ୍ୟକାଳ ସମୟରେ ମନ୍ତ୍ରୀ ହୋଇପାରିନଥିଲେ।


## ଓଡ୍ରାଫର ହେବ ନବକଳେବର : ଜାରି ହେବ ନୂତନ ଏସଓପି



ଭୁବନେଶ୍ୱର, ୦୪/୦୮ : (ନି.ପ୍ର) ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ୍ ଫୋର୍ସର ନବକଳେବର ହେବ। ଓଡ୍ରାଫ୍‌ରୁ ଓଡ଼ିଶା କଟି 'ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍‌ସ ଫୋର୍ସ' ହେବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ୍ ଫୋର୍ସର ନବକଳେବର ହେବ। ଓଡ୍ରାଫ୍‌ରୁ ଓଡ଼ିଶା କଟି 'ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍‌ସ ଫୋର୍ସ' ହେବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି, ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଆଜି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାମ୍ପ୍ରତିକ ବନ୍ୟା ପରିପ୍ରେକ୍ଷୀରେ ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଦ୍ୱାରା ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ସେବା ଏବଂ ସମ୍ମୁଖୀନ ହୋଇଥିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅଗଷ୍ଟ ୪ ତାରିଖ ସୁଦ୍ଧା ୯ଟି ଜିଲ୍ଲାରେ ପ୍ରାୟ ୫୮ ଘଣ୍ଟାର ରାତ୍ରିକାଳୀନ ଉଦ୍ଧାର ଅଭିଯାନ ସହ ପ୍ରାୟ ୫୯ଟି ବୋଟ୍ ବ୍ୟବହୃତ ହୋଇଛି ।

◆◆ପୃଷ୍ଠା ୭

## ବିମାନରେ ନୁହେଁ, ସ୍ୱତନ୍ତ୍ର ଟ୍ରେନ୍‌ରେ ଭୁବନେଶ୍ୱରରୁ ବ୍ରହ୍ମପୁର ଗଲେ ରାଷ୍ଟ୍ରପତି



ଭୁବନେଶ୍ୱର, ୦୪/୦୮ : (ନି.ପ୍ର) ଭୁବନେଶ୍ୱରରେ ଉତ୍ସାହ, ବ୍ରହ୍ମପୁରରେ ଉତ୍ସବ ଓ ତପ୍ତପାଣିରେ ଉତ୍କଣ୍ଠା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିର ଗଞ୍ଜାମ ଜିଲ୍ଲା ଗସ୍ତ ଥିଲା ବେଶ୍ ନିଆରା । କାରଣ ଆକାଶମାର୍ଗରେ ନୁହେଁ, ରେଳପଥରେ ଯାତ୍ରା କରିଥିଲେ ଦେଶର ପ୍ରଥମ ନାଗରିକ । ଭୁବନେଶ୍ୱର ରେଳଷ୍ଟେସନରେ ପ୍ରସ୍ତୁତ ଥିଲା ଏହି ସ୍ୱତନ୍ତ୍ର ଟ୍ରେନ୍-ପ୍ରେସିଡେଣ୍ଟ୍ ସ୍ପେଶାଲ୍ । ସେଠାରୁ ସିଧାସଳଖ ବ୍ରହ୍ମପୁର ଯାଇଥିଲେ ରାଷ୍ଟ୍ରପତି । ଏହି ଟ୍ରେନ୍ ଦେଖିବାକୁ ବି ବିଭିନ୍ନ ସ୍ଥାନରେ ଉତ୍ସାହିତ ଥିଲେ ଲୋକେ । ସେପଟେ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ପାଇଁ ଚରମରେ ଥିଲା ରେଶମ ସହରର ଉତ୍କଣ୍ଠା । କିଏ ରାଷ୍ଟ୍ରପତିଙ୍କ ଝଲକଟିଏ ପାଇବା ପାଇଁ ସକାଳୁ ଅପେକ୍ଷା କରିଥିଲା, ଆଉ କିଏ ରାତି ଅନିଦ୍ରା ରହି ପ୍ରସ୍ତୁତ କରିଥିଲା ସ୍ୱତନ୍ତ୍ର ଉପହାର । ଛାତ୍ରଛାତ୍ରୀ, କଳାକାର, ଆବାଳ ବୃଦ୍ଧ ବନିତା, ସମସ୍ତେ ଆସିବା ବାଟ ଚାହିଁ ରହିଥିଲେ ଦେଶର ସର୍ବୋଚ୍ଚ ବ୍ୟକ୍ତିତ୍ୱଙ୍କର । ଶେଷରେ ଆସିଥିଲା ସେଇ ମୁହୂର୍ତ୍ତ । ସ୍ୱତନ୍ତ୍ର ଟ୍ରେନ୍ ଲାଗିବା ପରେ ବ୍ରହ୍ମପୁରରେ ପାଦ ଥାପିଥିଲେ ରାଷ୍ଟ୍ରପତି । ପ୍ରଥମେ ମହାମାୟୀ ମହିଳା ଡିଗ୍ରି କଲେଜରେ ଅଟକି ଛାତ୍ରୀମାନଙ୍କୁ ଚକଲେଟ୍ ବାଣ୍ଟିଥିଲେ । ଏହାପରେ ବାହାରିଥିଲେ ତପ୍ତପାଣି ଅଭିମୁଖେ । ପୂର୍ବଘାଟ ପର୍ବତମାଳାର ଏହି ପର୍ଯ୍ୟଟନ ସ୍ଥଳୀରେ ରାଷ୍ଟ୍ରପତି ପହଞ୍ଚିବା ପରେ ପାରମ୍ପାରିକ ବାଦ୍ୟ ଓ ଆଦିବାସୀ ନୃତ୍ୟରେ ମୁଖରିତ ହୋଇଥିଲା ପରିବେଶ । ସବୁଜ ପରିବେଶରେ ଭରିଯାଇଥିଲା ଅଭୂତପୂର୍ବ ଶିହରଣ । ମାଆ କନ୍ଧୁଣିଦେବୀଙ୍କ ଦର୍ଶନ କରିଥିଲେ ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ନୁହେଁ, ବରଂ ଜଣେ ଆଦିବାସୀ ମହିଳା ଭାବେ ଏହି ଶକ୍ତିପୀଠରେ ପୂଜାର୍ଚ୍ଚନା କରିଥିଲେ।

◆◆ପୃଷ୍ଠା ୭

## ଗେମ୍ ଚେଞ୍ଜର ହେବେ ଜେନ୍-ଜି ! : ସୋସିଆଲ ମିଡିଆ ସାଜିଛି ମାଧ୍ୟମ



ନୂଆଦିଲ୍ଲୀ, ୦୪/୦୮ : ଆଉ ଯୁବ ଭୋଟର ନୁହେଁ, ଜେନ୍-ଜି ହିଁ ହେବେ ଗେମ୍ ଚେଞ୍ଜର। ସାମ୍ପ୍ରତିକ ସ୍ଥିତିକୁ ଦେଖି ଗୋଟିଏ କଥା ସ୍ପଷ୍ଟ ଯେ, ଚିରାଚରିତ ରାଜନୀତିରୁ ବାହାରି ନୂଆ ଭୋଟରଙ୍କ ମନ ନଜିଣିଲେ, ନିର୍ବାଚନ ବୈତରଣୀ ପାର୍ କରିବା କଷ୍ଟ। ଆଉ ଯୁବ ଭୋଟର ନୁହେଁ, ଜେନ୍-ଜି ହିଁ ହେବେ ଗେମ୍ ଚେଞ୍ଜର। ସାମ୍ପ୍ରତିକ ସ୍ଥିତିକୁ ଦେଖି ଗୋଟିଏ କଥା ସ୍ପଷ୍ଟ ଯେ, ଚିରାଚରିତ ରାଜନୀତିରୁ ବାହାରି ନୂଆ ଭୋଟରଙ୍କ ମନ ନଜିଣିଲେ, ନିର୍ବାଚନ ବୈତରଣୀ ପାର୍ କରିବା କଷ୍ଟ। ଯେଉଁ ପ୍ରସଙ୍ଗ ପ୍ରମୁଖ ବିରୋଧୀ ଦଳ ଉଠାଉନାହାନ୍ତି, ତାକୁ ଏହି ଜେନ୍-ଜି ସର୍ବସମ୍ମୁଖକୁ ଆଣି ବ୍ୟବସ୍ଥାକୁ ପ୍ରଶ୍ନ କରୁଛନ୍ତି। ସେମାନଙ୍କ ଭିତରେ ଥିବା ପୁଞ୍ଜିଭୂତ ଅସନ୍ତୋଷ, ଏବେ ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ ବଢ଼ିବାରେ ଲାଗିଛି। ଓଡ଼ିଶାରେ ୧୮ ବର୍ଷର ଭୋଟରଙ୍କ ସଂଖ୍ୟା ୯ ଲକ୍ଷ। ଏମାନେ ପ୍ରଥମ ଥର ମତଦାନ ସାବ୍ୟସ୍ତ କରିବେ। ୧୯ରୁ ୨୯ ବର୍ଷ ମଧ୍ୟରେ ରହିଛନ୍ତି ୨୫ ଲକ୍ଷ ଭୋଟର। ଅର୍ଥାତ୍ ୮୪ ଲକ୍ଷ ଭୋଟର ରାଜନୀତି ଗଣିତ ବଦଳାଇ ଦେଇପାରନ୍ତି। ଏହାକୁ ଲକ୍ଷରେ ରଖି ୩ ପ୍ରମୁଖ ଦଳ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏହି ପିଢ଼ି ପାରମ୍ପରିକ ଭୋଟ୍ ବ୍ୟାଙ୍କ ରାଜନୀତି, ଯେପରିକି ଜାତି, ଧର୍ମ ବା ଗୋଷ୍ଠୀବାଦ ପରିଚୟଠାରୁ ବହୁ ଦୂରରେ। ଏମାନେ କେତେବେଳେ କାହାକୁ ସମର୍ଥନ କରିବେ, ତାହା ପୂର୍ବରୁ ଆକଳନ କରିବା ଅସମ୍ଭବ। ସେମାନେ ନେତାଙ୍କ ବ୍ୟକ୍ତିଗତ ଭାବମୂର୍ତ୍ତି ଅପେକ୍ଷା କାର୍ଯ୍ୟଦକ୍ଷତାକୁ ଅଧିକ ଗୁରୁତ୍ୱ ଦିଅନ୍ତି। ଜେନ-ଜି ସବୁକିଛିକୁ ଆଖିବୁଜି ଗ୍ରହଣ କରନ୍ତି ନାହିଁ; ବରଂ ସେମାନେ ପ୍ରତ୍ୟେକ ନୀତି ଓ ନିଷ୍ପତ୍ତି ପଛର କାରଣ ଏବଂ ଯଥାର୍ଥତା ସମ୍ପର୍କରେ ପ୍ରଶ୍ନ କରିଥାନ୍ତି। ଯାହା ସବୁ ରାଜନୈତିକ ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ଏବେ ସମୟ ବଦଳିଯାଇଛି। ନୂଆ ଭୋଟରଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ। ଆଗାମୀ ଦିନରେ ଏମାନଙ୍କ ଆଭିମୁଖ୍ୟ କ'ଣ ରହିବ, ତାହା ସମୟ କହିବ। କିନ୍ତୁ ଏତିକି ସ୍ପଷ୍ଟ ଯେ, ସବୁ ଦଳ ପାଇଁ ଏମାନେ ସତର୍କ ଘଣ୍ଟି। ଏବେଠାରୁ ରାଜନୈତିକ ଦଳମାନେ ସତର୍କ ନହେଲେ ପରବର୍ତ୍ତୀ ସମୟ ସେମାନଙ୍କ ପାଇଁ ଘଣତକ ସାବ୍ୟସ୍ତ ହୋଇପାରେ ବୋଲି ମତ ପ୍ରକାଶ ପାଉଛି ।

## ଓଡ଼ିଶାରେ ତେଜିଲା ଛାତ୍ର ରାଜନୀତି, ସମର୍ଥନକୁ ଆସୁଛନ୍ତି ବିରୋଧୀ : ଶିକ୍ଷାମନ୍ତ୍ରୀଙ୍କୁ ୭ ଦିନ ସମୟ ଦେଲା କଂଗ୍ରେସ



ଭୁବନେଶ୍ୱର, ୦୪/୦୮ : (ନି.ପ୍ର) ଓଡ଼ିଶାରେ ତେଜିଲା ଛାତ୍ର ରାଜନୀତି, ସମର୍ଥନକୁ ଆସୁଛନ୍ତି ବିରୋଧୀ, ଶିକ୍ଷାମନ୍ତ୍ରୀଙ୍କୁ ୭ ଦିନ ସମୟ ଦେଲା କଂଗ୍ରେସ । ଏହାସହ ସେ କହିଛନ୍ତି ୧୯୪୨ ଆନ୍ଦୋଳନ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଛାତ୍ରଙ୍କ ଆନ୍ଦୋଳନ ଏକ ବିଶାଳ ଜନ ଆନ୍ଦୋଳନରେ ପରିବର୍ତ୍ତନ ହେଲାଣି । ଛାତ୍ରଙ୍କ ଭବିଷ୍ୟତ ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଛାତ୍ରଙ୍କ ପ୍ରତ୍ୟେକ କାର୍ଯ୍ୟରେ ସହାୟତା ପାଇଁ ରାହୁଲ ଗାନ୍ଧୀଙ୍କ ଆହ୍ୱାନ କଂଗ୍ରେସ ରାଜ୍ୟର କୋଣ ଅନୁକୋଣରେ ଲାଗୁ କରିବ । ଓଡ଼ିଶାରେ ଜେନ ଜୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମସ୍ତ ପ୍ରକାର ସମର୍ଥନ ଓ ସହଯୋଗ ରହିବ ବୋଲି ଶ୍ରୀ ଦାସ କହିଛନ୍ତି । ଜନ୍ତରମନ୍ତରରୁ ସାରା ଦେଶକୁ ବ୍ୟାପୁଛି ଛାତ୍ର ଆନ୍ଦୋଳନ । ଭାରତୀୟ ସରକାରୀ ଶିକ୍ଷା ବ୍ୟବସ୍ଥାର ବିଚିତ୍ର ରୂପ, ଏକ ବେସରକାରୀ ସଂସ୍ଥା ହାତରେ ସର୍ବୋଚ୍ଚ ପରୀକ୍ଷା ପରିଚାଳନା, ଓଡ଼ିଶାରେ ସ୍କୁଲ ଶିକ୍ଷା ପାଠ୍ୟ ପୁସ୍ତକରେ ଅଜବ ଲେଖା । ପାଖାପାଖି ୨୫୦୦ ଭୁଲ ବୋଲି ବିଭିନ୍ନ ଖବର କାଗଜରେ ପ୍ରକାଶ ପାଉଛି । ଏଭଳି ସ୍ଥିତିରେ ଓଡ଼ିଶାରେ ପାଠ୍ୟ ପୁସ୍ତକ ତ୍ରୁଟି ଓ ରାଜ୍ୟ ସ୍ତରୀୟ ଏଣ୍ଟ୍ରାସ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଭଳି ଶିକ୍ଷା ବିଭାଗର ଅବହେଳାକୁ ନେଇ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର ଧରିଛି । ରାଜଧାନୀର ପ୍ରତିବାଦ ସ୍ଥଳରେ ବିଶେଷ କରି ବାମଦଳ ସମର୍ଥିତ ଛାତ୍ର ସଂଗଠନମାନେ ଧାରଣା ଓ ପ୍ରଦର୍ଶନ ଜାରି ରଖିଛନ୍ତି । ଏହାସହ ସହ ଧାରଣାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ବୁଦ୍ଧିଜୀବୀ ନାଗରିକମଞ୍ଚମାନେ ସମର୍ଥନ କରିଥିବା ବେଳେ ରାଜନୈତିକ ଦଳଭାବେ କଂଗ୍ରେସ ସମର୍ଥନ ଜଣାଇଛି । କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଏହି ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଭକ୍ତ କହିଛନ୍ତି ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଛନ୍ତି । ସେ କହିଛନ୍ତି କି, ଯଦି ଗଣଶିକ୍ଷାମନ୍ତ୍ରୀ ନିଜ ନୈତିକତା ଅଧାରରେ ୭ ଦିନ ଭିତରେ ଇସ୍ତଫା ନ ଦିଅନ୍ତି ତେବେ ଛାତ୍ର ଆନ୍ଦୋଳନ ସ୍ଥଳରେ କଂଗ୍ରେସ ଯୋଗଦେବ । ଏହାସହ ଓଡ଼ିଶା ବନ୍ଦ ପାଇଁ ଡାକରା ଦିଆଯିବ । ସେ ଏହାପରେ ବିଜେପିକୁ ଟାର୍ଗେଟ୍ କରି କହିଛନ୍ତି କି, ଦେଶରେ ଯୁବ ଛାତ୍ର ମୋଦୀ ସରକାରଙ୍କୁ ବୁଝି ସାରିଲେଣି । ଧର୍ମ, ଜାତୀ ନାମରେ ବାଣ୍ଟି ଅଧିକ ଦିନ ଲୋକଙ୍କୁ ବୋକା ବନାଯାଇପାରିବ ନାହିଁ । ଛାତ୍ର ତାତିଲେଣି ତେଣୁ ବିଜେପିର କାଉଣ୍ଟ ଡାଉନ ଆରମ୍ଭ ହୋଇସାରିଛି । ଏହାସହ ସେ କହିଛନ୍ତି ୧୯୪୨ ଆନ୍ଦୋଳନ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ଛାତ୍ରଙ୍କ ଆନ୍ଦୋଳନ ଏକ ବିଶାଳ ଜନ ଆନ୍ଦୋଳନରେ ପରିବର୍ତ୍ତନ ହେଲାଣି । ଛାତ୍ରଙ୍କ ଭବିଷ୍ୟତ ସହିତ କୌଣସି ପ୍ରକାର ସାଲିସ କରାଯିବ ନାହିଁ ଏବଂ ଛାତ୍ରଙ୍କ ପ୍ରତ୍ୟେକ କାର୍ଯ୍ୟରେ ସହାୟତା ପାଇଁ ରାହୁଲ ଗାନ୍ଧୀଙ୍କ ଆହ୍ୱାନ କଂଗ୍ରେସ ରାଜ୍ୟର କୋଣ ଅନୁକୋଣରେ ଲାଗୁ କରିବ ।



ଓଡ଼ିଶାରେ ଜେନ ଜୀଙ୍କ ଆନ୍ଦୋଳନକୁ କଂଗ୍ରେସର ସମସ୍ତ ପ୍ରକାର ସମର୍ଥନ ଓ ସହଯୋଗ ରହିବ ବୋଲି ଶ୍ରୀ ଦାସ କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ଜେନ ଜୀ ଆନ୍ଦୋଳନ ପରେ ବିଜେପିର ଓଲଟା ଗଣତି ଆରମ୍ଭ ହୋଇଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲା ପରେ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦେବାରେ ଅସୁବିଧା କଣ ବୋଲି ସରକାରଙ୍କୁ ପ୍ରଶ୍ନ ପଚାରିଛନ୍ତି ।

## ୯୬୪ ଜଣ ଅମରନାଥ ତୀର୍ଥଯାତ୍ରୀ ଜାମ୍ମୁରୁ ବାଲଟାଲ ଅଭିମୁଖେ ଯାତ୍ରା

ଜାମ୍ମୁ, ୦୪/୦୮ : ଶ୍ରୀ ଅମରନାଥଙ୍କ ପବିତ୍ର ଗୁମ୍ଫା ମନ୍ଦିର ପରିଦର୍ଶନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମଙ୍ଗଳବାର ଦିନ ବାଲଟାଲ ବେସ୍ କ୍ୟାମ୍ପ ପାଇଁ ଜମ୍ମୁର ଭଗବତୀ ନଗର ଯାତ୍ରୀ ନିବାସରୁ ୯୬୪ ଜଣ ତୀର୍ଥଯାତ୍ରୀଙ୍କ ଏକ ନୂତନ ବ୍ୟାଚ୍ ବାହାରିଛି। ଜାମ୍ମୁ ପୋଲିସ୍ କଣ୍ଟ୍ରୋଲ୍ ରୁମ୍ ଅଧିକାରୀଙ୍କ କହିବା ଅନୁଯାୟୀ, ୨୭ତମ ବ୍ୟାଚ୍ ୩୯ଟି ଗାଡ଼ି ନେଇ ସକାଳ ୩ଟା ୦୫ରେ ବାହାରିଥିଲା। ଏଗୁଡ଼ିକ ମଧ୍ୟରେ ୨୧ଟି ବସ୍, ୮ଟି ମଧ୍ୟମ ମୋଟର ଯାନ ଏବଂ ୧୦ଟି ହାଲୁକା ମୋଟର ଯାନ ରହିଛି। ଏହି ଦଳରେ ୭୪୪ ଜଣ ପୁରୁଷ, ୧୭୭ ଜଣ ମହିଳା, ଜଣେ ଶିଶୁ, ୩୨ ଜଣ ସାଧୁ ଏବଂ ୧୦ ଜଣ ସାଧ୍ୱୀ ରହିଛନ୍ତି।

# କାମଚଳା ଡମ୍ପିଂ ୟାର୍ଡରେ ସୀମିତ ଜୟପୁରର ସ୍ୱଚ୍ଛତା : ଗଳିଗଳିରେ ସୃଷ୍ଟି ହୋଇଛି ଅସ୍ଥାୟୀ ଡମ୍ପିଂ ୟାର୍ଡ, ଦୁର୍ଗନ୍ଧରେ ବେହାଲ ସହରବାସୀ; ଡେଙ୍ଗୁ-ମ୍ୟାଲେରିଆ ଆଶଙ୍କା

ଜୟପୁର, ୪/୮ (ନି.ପ୍ର): କୋରାପୁଟ ଜିଲ୍ଲାର ଜୟପୁର ସହରରେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି ପରିମଳ ବ୍ୟବସ୍ଥା। ସହରର ବିଭିନ୍ନ ୱାର୍ଡ, ଗଳି ଓ ଛକ ନିକଟରେ ଦିନ ଦିନ ଧରି ଆବର୍ଜନା ପଡ଼ି ରହୁଥିବାରୁ ସେଗୁଡ଼ିକ ଏବେ ଅସ୍ଥାୟୀ ଡମ୍ପିଂ ୟାର୍ଡରେ ପରିଣତ ହୋଇଛି। ନିୟମିତ ସଫେଇ ନ ହେବାରୁ ସହରର ଅନେକ ସ୍ଥାନରେ ଅଳିଆ ଆବର୍ଜନାର ଗଦା ସୃଷ୍ଟି ହୋଇଛି। ବର୍ଷା ଦିନରେ ପଚା ଆବର୍ଜନାରୁ ଦୁର୍ଗନ୍ଧ ବାହାରୁଥିବାରୁ ସ୍ଥାନୀୟ ଲୋକଙ୍କ ଜୀବନ ଅତିଷ୍ଠ ହୋଇପଡ଼ିଛି। ଏହାସହ ମଶା ବଂଶ ବୃଦ୍ଧି ପାଇ ଡେଙ୍ଗୁ ଓ ମ୍ୟାଲେରିଆ ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ବଢ଼ିଛି। ଏଭଳି ପରିସ୍ଥିତି ସହରର ପରିମଳ ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଜୟପୁର ପୌରପାଳିକା ପକ୍ଷରୁ ସହରର ପରିମଳ ବ୍ୟବସ୍ଥାକୁ ସୁଚାରୁ ଭାବେ ପରିଚାଳନା କରିବା ପାଇଁ ଏକ ଘରୋଇ ଠିକା ସଂସ୍ଥାକୁ ସଫେଇ ଦାୟିତ୍ୱ ଦିଆଯାଇଛି। ଉଦ୍ଦେଶ୍ୟ ଥିଲା ପ୍ରତିଦିନ ଘର ଘର ବୁଲି ଆବର୍ଜନା ସଂଗ୍ରହ କରି ନିର୍ଦ୍ଦିଷ୍ଟ ଡମ୍ପିଂ ୟାର୍ଡରେ ପହଂଚାଇବା ଓ ସହରକୁ ସ୍ୱଚ୍ଛ ରଖିବା। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଅନେକ ସ୍ଥାନରୁ ସମୟମତେ ଅଳିଆ ଉଠୁନଥିବାରୁ ଲୋକମାନେ ବାଧ୍ୟ ହୋଇ ରାସ୍ତାକଡ଼, ଖାଲି ପଡ଼ିଥିବା ଜମି ଏବଂ ଗଳି ମୁଣ୍ଡରେ ଆବର୍ଜନା ପକାଉଛନ୍ତି। ଫଳରେ ସହରର ଅନେକ ସ୍ଥାନ ଏବେ ଖୋଲା ଡମ୍ପିଂ ୟାର୍ଡର ରୂପ ନେଇଛି। ସହରର ବିଭିନ୍ନ ଅଂଚଳରେ ପଡ଼ିଥିବା ପଚା ଖାଦ୍ୟ, ପ୍ଲାଷ୍ଟିକ, ପଲିଥିନ, ମାଂସ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ଖାଇବା ପାଇଁ ଗାଈ, କୁକୁର ଓ ଅନ୍ୟ ପଶୁମାନେ ଭିଡ଼ ଜମାଉଛନ୍ତି। ଏହା ଫଳରେ ପଶୁମାନଙ୍କ ସ୍ୱାସ୍ଥ୍ୟ ମଧ୍ୟ ବିପଦରେ ପଡୁଛି। ଏହାସହ ରାସ୍ତାରେ ପଶୁଙ୍କ ଭିଡ଼ ଯୋଗୁଁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢୁଛି। ବର୍ଷା ହେବା ପରେ ଆବର୍ଜନା ଗଦାରେ ପାଣି ଜମି ମଶା ବଂଶ ବୃଦ୍ଧି ପାଇବା ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି ହେଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଏଭଳି ପରିବେଶ ଡେଙ୍ଗୁ, ମ୍ୟାଲେରିଆ ଓ ଅନ୍ୟାନ୍ୟ ଜଳବାହିତ ଓ ମଶାବାହିତ ରୋଗର ସଂକ୍ରମଣକୁ ବଢ଼ାଇପାରେ। ସ୍ଥାନୀୟ ବାସିନ୍ଦାମାନଙ୍କ ଅଭିଯୋଗ, ଦୀର୍ଘଦିନ ଧରି ସହରର ପରିମଳ ବ୍ୟବସ୍ଥା ଅବ୍ୟବସ୍ଥିତ ରହିଥିଲେ ମଧ୍ୟ ପୌରପାଳିକା ପକ୍ଷରୁ କୌଣସି ସ୍ଥାୟୀ ସମାଧାନ କରାଯାଇନାହିଁ। ସେମାନଙ୍କ କହିବା କଥା, ପୂର୍ବରୁ ପୌରପାଳିକା ନିଜସ୍ୱ ସଫେଇ କର୍ମଚାରୀଙ୍କ ମାଧ୍ୟମରେ ସହରର ସଫେଇ କାର୍ଯ୍ୟ ପରିଚାଳନା କରୁଥିଲା। ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯିବା ପରେ ପରିମଳ ବ୍ୟବସ୍ଥାରେ ସୁଧାର ଆସିବା ପରିବର୍ତ୍ତେ ଅଧିକ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ତେଣୁ ପୌରପାଳିକା ନିଜେ ସିଧାସଳଖ ସଫେଇ କାର୍ଯ୍ୟର ତଦାରଖ କରିବା ସହ ଠିକା ସଂସ୍ଥାର କାର୍ଯ୍ୟଦକ୍ଷତାର ସମୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ ଜୟପୁର ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. ଅକ୍ଷୟ କୁମାର ରଥ କହିଛନ୍ତି ଯେ, ବର୍ଷା ଋତୁରେ ସ୍ୱଚ୍ଛତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଘର ଚାରିପାଖରେ ଆବର୍ଜନା ପଡ଼ି ରହିବା, ପାଣି ଜମି ରହିବା ଓ ଅପରିଷ୍କାର ପରିବେଶ ମଶା ବଂଶ ବୃଦ୍ଧିର ପ୍ରମୁଖ କାରଣ। ତେଣୁ ଲୋକମାନେ ସତର୍କ ରହିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

# ଗଞ୍ଜାମ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟି , ଚାଷ କାର୍ଯ୍ୟ ବିଳମ୍ବ

ଗଞ୍ଜାମ,୪/୦୮ (ନି.ପ୍ର): କଥାରେ ଅଛି ଜଳ ଗହଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ। ଏପରି ଅବସ୍ଥା ବର୍ତ୍ତମାନ ଓଡ଼ିଶାରେ ଦେଖା ଦେଇଛି । ପ୍ରବଳ ବର୍ଷାରେ ଓଡ଼ିଶାର ୨୨ଟି ଜିଲ୍ଲା ଭାସୁଥିବା ବେଳେ ଗଞ୍ଜାମ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟି ଯୋଗୁଁ ଶ୍ରାବଣ ମାସରେ ମଧ ଜମିକୁ ହଳଯାଇନି ଚାଷ ହୋଇନି ଧାନ ତଳି ବଢିଗଲାଣି। ଜମିରେ ପାଣି ଅଭାବରୁ ଧାନ ରୁଆ ହୋଇ ପାରୁନାହିଁ। ଋଷିକୂଲ୍ୟା -୨ ନମ୍ବର କେନାଲରେ ପାଣି ଆସୁନାହିଁ। ଗଞ୍ଜାମ ଜିଲ୍ଲାର ଚାଷୀ ଏହି କାରଣରୁ ଚିନ୍ତାଗ୍ରସ୍ତ। ତୁରନ୍ତ କେନାଲ ଦ୍ୱାରା ଚାଷଜମିକୁ ଜଳସେଚନ କରିବାକୁ ଚାଷୀ ମାନଙ୍କ ପକ୍ଷରୁ ଦାବି କରାଯାଇଛି।

# ଜିଲ୍ଲାସ୍ତରୀୟ ମହାସମାଧାନ ଶିବିର

ଝାରସୁଗୁଡ଼ା,୪/୦୮ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ତ୍ୱରିତ ସମାଧାନ ପାଇଁ ଏକ ଜିଲ୍ଲା ସ୍ତରୀୟ ମହାସମାଧାନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଜି. ଆର. ରାଘବେନ୍ଦ୍ର ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ଜିଲ୍ଲାର ପ୍ରତ୍ୟେକ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଆବେଦନଗୁଡ଼ିକର ସମୀକ୍ଷା କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ସର୍ବମୋଟ ୯୯ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏଥିମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ପତ୍ର ହୋଇଥିବା ବେଳେ ୨୬ ଗୋଟି ସାମୂହିକ ଅଭିଯୋଗ ଆସିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ସ୍ୱରୂପ ୫ ଜଣ ଆବେଦନକାରୀଙ୍କୁ ସର୍ବମୋଟ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ବଂଟନ କରାଯାଇଛି। ଏଥିମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ମାଧ୍ୟମରେ ୩ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଏବଂ ରେଡକ୍ରସ୍ ପାଣ୍ଠିରୁ ୨ ଜଣ ହିତାଧିକାରୀଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମି ବିବାଦ, ଜମି ଚିହ୍ନଟ ଏବଂ ଏହାର ସଠିକ୍ ମାପଚୁପ, ଜମି ଆବଂଟନ, ନିଷ୍କାସନ ବା ଡ୍ରେନେଜ ସମସ୍ୟା, ବାର୍ଦ୍ଧକ୍ୟ ଭତା, ରାସ୍ତାଘାଟ ନିର୍ମାଣ, ବିଦ୍ୟୁତ୍ ଯୋଗାଣ ସମସ୍ୟା, ଜାତିଗତ ପ୍ରମାଣପତ୍ର ଏବଂ ସଂପୃକ୍ତ ବିଭାଗୀୟ ସମସ୍ୟା ଏବଂ ନିର୍ବାଚନ ସମ୍ବନ୍ଧୀୟ ବିବାଦ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆବେଦନଗୁଡ଼ିକ ଦାଖଲ ହୋଇଥିଲା। ଜିଲ୍ଲାପାଳ ପ୍ରତ୍ୟେକ ବିଭାଗକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଏହିସବୁ ସମସ୍ୟାର ସମାଧାନ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ବିଡିଓ, ଜିଲ୍ଲାର ସମସ୍ତ ମୁଖ୍ୟ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ, ପୌର ପରିଷଦ, ଜିଲ୍ଲା ପୋଲିସ ପ୍ରଶାସନ ଏବଂ ଶ୍ରମ ଓ ନିୟୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ଆବେଦନଗୁଡ଼ିକର ତୁରନ୍ତ ନିଷ୍ପତି ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ନେଇ ସୂଚନା ଦେଇଛନ୍ତି।

# ବିଶ୍ୱ ବାଣିଜ୍ୟ ଦିବସ ଅବସରରେ କୃତି ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୪/୦୮ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ତରଫରୁ ବିଶ୍ୱ ବାଣିଜ୍ୟ ଦିବସ ବହୁ ଆଡମ୍ବର ସହକାରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚିତ ରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପରେ ସୁରେଶ ସୋମାନି, ମାଲକାନଗିରି ଜିଲ୍ଲା ବଣିକ ସଂଘର ସଭାପତି ଯୋଗଦାନ କରି ବାଣିଜ୍ୟ ବିନା ବଂଚିବା ଅସମ୍ଭବ ବୋଲି ମତ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ରୂପରେ ବିନୋଦ କୁମାର ବିଶୋଇ, ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଯୋଗଦାନ କରି ବ୍ୟାଙ୍କ ଏବଂ ବାଣିଜ୍ୟର ସମ୍ପର୍କ ଅତି ନିବିଡ଼ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଦେବେନ୍ଦ୍ରନାଥ ଦାସ, ଅର୍ଥ ଅଧିକାରୀ, ସମଗ୍ର ଶିକ୍ଷା ଅଭିଯାନ ମାଲକାନଗିରି ଯୋଗଦାନ କରି ବାଣିଜ୍ୟ ବିଭାଗର ପୁରାତନ ଛାତ୍ର ଭାବରେ ବିଭାଗର ଉପସ୍ଥିତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅଗଷ୍ଟ ମାସର ପ୍ରଥମ ସୋମବାରକୁ ଆନ୍ତର୍ଜାତିକ ବାଣିଜ୍ୟ ଦିବସ ରୂପେ ପାଳନ କରିବାର ଉଦ୍ଦେଶ୍ୟ, ବାଣିଜ୍ୟ ବିଭାଗରେ କାମ କରୁଥିବା ଅଧିକାରୀ ଏବଂ କର୍ମଜୀବୀଙ୍କୁ ସମ୍ମାନୀତ କରିବା, ଭାରତର ଅର୍ଥନୀତିକୁ ଦୃଢ଼ୀଭୂତ କରିବା ଏବଂ ବାଣିଜ୍ୟର ପ୍ରଚାର ପ୍ରସାର କରିବା ନିମନ୍ତେ ଆଜିର ଦିବସର ମୂଳ ଲକ୍ଷ୍ୟ । ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ସେ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଇପ୍ସିତା ଦାସ ମଂଚ ପରିଚାଳନା କରିଥିବା ବେଳେ ଦୀପ୍ତିରେଖା ମିଶ୍ର, ମାନସ କୁମାର ପାଢ଼ୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ବାଣିଜ୍ୟ ଛାତ୍ରଛାତ୍ରୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଚିନ୍ମୟୀ ଭୂମିଆ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ମହାଲକ୍ଷ୍ମୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଖାଦ୍ୟ ଉତ୍ସବର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ଉପଲକ୍ଷେ ମେଧାବୀ ଛାତ୍ରୀ ଜି ଯସ୍ମିତା, +୨ ଏବଂ ସୁପ୍ରିୟା ପାଣିଗ୍ରାହୀ, +୩ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବାରୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଅନ୍ୟାନ୍ୟ ବିଭାଗର ଛାତ୍ରଛାତ୍ରୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସଭାଶେଷରେ ଅଧ୍ୟାପକ ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ୧୦୪ ଅଭିଯୋଗର ଶୁଣାଣି

ପୁରୀ,୪/୦୮ (ନି.ପ୍ର): ଆଜି ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅଧକ୍ଷତା କରିବା ସହ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକର ତ୍ୱରାନ୍ୱିତ ସମାଧାନ ପାଇଁ ଯେଉଁ ବିଭାଗକୁ ଅଭିଯୋଗ ପତ୍ର ପଠାଯାଉଛି ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣିରେ ମୋଟ ୧୦୪ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୯୫ ଗୋଟି, ସାମୁହିକ ୫ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୪ ଗୋଟି ଆବେଦନ ପତ୍ର ମିଳିଥିଲା। ତତକ୍ଷଣାତ ୩ ଗୋଟି ର ସମାଧାନ ହୋଇଥିଲା। ଅନ୍ୟ ଗୁଡିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପଠାଯାଇଥିଲା। ଏହି ଶୁଣାଣି ଶିବିରରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ପୁରୀ ମୁନିସିପାଲ କମିଶନର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ, ୧୭ ତାରିଖ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ, ୨୪ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଓ ୩୧ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ପୂର୍ବାହ୍ନ ୧୦ଟା ଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା,୪/୦୮ (ନି.ପ୍ର): ନୂଆପଡ଼ା ସଦର ମହକୁମାସ୍ଥିତ ସଦ୍ଭାବନା ସଭାଗୃହରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଳ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଶିବିରରେ ମୋଟ ୧୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୧୧୯ଟି ବ୍ୟକ୍ତିଗତ, ୧୯ଟି ସାମୂହିକ ଏବଂ ୧ଟି ରେଡ୍‌କ୍ରସ ସମ୍ବନ୍ଧୀୟ ଆବେଦନ ରହିଥିଲା। ଶିବିରରେ ପଞ୍ଜିକୃତ ସମସ୍ତ ଅଭିଯୋଗର ଗୁରୁତ୍ୱର ସହ ଶୁଣାଣି କରି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, ଜନସାଧାରଣଙ୍କ ସହ ସିଧାସଳଖ ସଂପର୍କ ସ୍ଥାପନ କରି ସେମାନଙ୍କ ସମସ୍ୟାର ସମାଧାନ କରିବା ପ୍ରଶାସନର ପ୍ରମୁଖ ଦାୟିତ୍ୱ। ବିଶେଷକରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସର୍ବାଧିକ ପ୍ରାଥମିକତା ଦେଇ କାର୍ଯ୍ୟ କରିବାକୁ ସେ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ କୁରୁମପୁରୀ ଗ୍ରାମର ବେଲମତୀ ସତନାମୀଙ୍କୁ ତତ୍କାଳୀନ ସହାୟତା ସ୍ୱରୂପ ୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାଁ, ବନଖଣ୍ଡ ଅଧିକାରୀ (ବନ୍ୟଜନ୍ତୁ) ସମୀର ସାହୁ, ବନଖଣ୍ଡ ଅଧିକାରୀ, କେନ୍ଦୁପତ୍ର ଏ ମାଧବୀଲତା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ରୋଶନ ଜେନା ଏବଂ ନୂଆପଡ଼ା ବିଡିଓ ରୋହିତ ଭୋଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ ବିଭାଗର ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଜମି ଅଧିଗ୍ରହଣ ପୂର୍ବରୁ ପାଇପଲାଇନ କାମ ଅଭିଯୋଗ : ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜମି ମାଲିକ

ଝାରସୁଗୁଡ଼ା,୪/୦୮ (ନି.ପ୍ର): ଆଇନଗତ ଜମି ଅଧିଗ୍ରହଣ ଓ ଦଖଲ ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଏନ୍‌ଏଲସି ତାଲାବିରା ଥର୍ମାଲ ପାୱାର ପ୍ରକଳ୍ପ ପାଇଁ ପାଇପଲାଇନ ନିର୍ମାଣ କାମ ଆରମ୍ଭ କରିବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ହିର୍ମା ଗ୍ରାମପଂଚାୟତ ଅନ୍ତର୍ଗତ କୁମ୍ଭାରୀ ଗ୍ରାମର ଜମିମାଲିକ ସୁଧାଂଶୁ ବିରତିଆ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ଦାଖଲ କରି ହସ୍ତକ୍ଷେପ ଲୋଡ଼ିଛନ୍ତି।ଦାବିପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ଏନ୍‌ଏଲ୍ସି ତାଲାବିରା ପ୍ରକଳ୍ପର ନଦୀକୂଳ ପାଇପଲାଇନ ନିର୍ମାଣ ପାଇଁ ତାଙ୍କ ବ୍ୟକ୍ତିଗତ ମାଲିକାନାର ଜମିରେ ବେଆଇନ ଭାବେ ପ୍ରବେଶ କରି କାମ କରିବାକୁ ଉଦ୍ୟମ ହେଉଛି। ସମ୍ପୃକ୍ତ ପାଇପଲାଇନ ପାଇଁ ଆବଶ୍ୟକ ପ୍ରାୟ ୫୦୦ ମିଟର ବ୍ୟକ୍ତିଗତ ଜମିର ଅଧିଗ୍ରହଣ ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା କେବଳ ଧାରା ୧୯(୧) ବିଜ୍ଞପ୍ତି ସ୍ତରରେ ରହିଥିବା ବେଳେ କ୍ଷତିପୂରଣ ଧାର୍ଯ୍ୟ କିମ୍ବା ପ୍ରଦାନ କରାଯାଇନାହିଁ। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏନ୍‌ଏଲ୍ସିକୁ ଆନୁଷ୍ଠାନିକ ଭାବେ ଜମି ଦଖଲ ହସ୍ତାନ୍ତର କରାଯାଇନଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଜମି ଉପରେ କୌଣସି ଆଇନଗତ ଅଧିକାର ନଥିଲେ ମଧ୍ୟ ଭେଲ୍ କମ୍ପାନୀ ଏହାର ସବ୍-କଣ୍ଟ୍ରାକ୍ଟରଙ୍କୁ କାର୍ଯ୍ୟାଦେଶ ଜାରି କରିଛି। ଏହାପରେ ଠିକା ସଂସ୍ଥାର କର୍ମଚାରୀମାନେ ଜମିରେ ପ୍ରବେଶ କରି ଯନ୍ତ୍ର ସାହାଯ୍ୟରେ ଖନନ କାର୍ଯ୍ୟ ଓ ପାଇପଲାଇନ ବିଛାଇବା ପାଇଁ ଉଦ୍ୟମ କରୁଛନ୍ତି, ଯାହା ଆର୍ଏଫ୍‌ସିଟିଏଲ୍‌ଏଆର୍‌ଆର୍ ଆଇନ, ୨୦୧୩ର ଉଲ୍ଲଂଘନ ବୋଲି ସେ ଦାବି କରିଛନ୍ତି। ଏହି ପରିସ୍ଥିତିରେ ଜିଲ୍ଲାପାଳ ତୁରନ୍ତ ହସ୍ତକ୍ଷେପ କରି ଏନ୍‌ଏଲ୍ସି ଓ ଭେଲ୍ କୁ ବିବାଦୀୟ ଜମିରେ ସମସ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ନିଷେଧାଦେଶ ଜାରି କରିବା ସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ କ୍ଷତିପୂରଣ ପ୍ରଦାନ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟକୁ ଅନୁମତି ନ ଦେବାକୁ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପାଇପଲାଇନ କାର୍ଯ୍ୟ ତଦାରଖ କରୁଥିବା ଭେଲ୍ କମ୍ପାନୀର ପିଡି ସୁବ୍ରତ ଅଦକଙ୍କ ପ୍ରତିକ୍ରିୟା ଲୋଡ଼ାଯିବାରୁ ସେ କହିଛନ୍ତି, "ମୁଁ କିଛି ଦିନ ପାଇଁ ଓଡ଼ିଶା ବାହାରେ ଥିଲି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ବର୍ତ୍ତମାନ ପାଇପଲାଇନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଛି।"

# କୋରାପୁଟ ଜିଲ୍ଲାରେ ଅଧିକ ଦରରେ ବିକ୍ରୟ ହେଉଛି ସାର

ଜୟପୁର,୪/୦୮ (ନି.ପ୍ର): କୋରାପୁଟ ଜିଲା ଚାଷୀଙ୍କୁ ଉଚିତ ମୂଲ୍ୟରେ ସାର ଯୋଗାଇ ଦେବା ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ ବ୍ୟବସ୍ଥା କରୁଥିବାବେଳେ ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ଚାଷୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି । ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ୟୁରିଆ, ଡିଏପି ଓ ପଟାସ ଭଳି ସାର କିଣିବାକୁ ଚାଷୀ କିଣିବାକୁ ବାଧ୍ୟ ହେଉଥିବା ଅଭିଯୋଗ ରହିଛି । କମ୍ପାନି ଚାପରେ ଡିଲର୍ ଓ ରିଟେଲରମାନେ ସାର ସହିତ ଅତିରିକ୍ତ ୧୫୦ରୁ ୨୦୦ ଟଙ୍କାର ଜିଙ୍କ ସାମଗ୍ରୀ କିଣିବାକୁ ଚାଷୀଙ୍କୁ ବାଧ୍ୟ କରୁଥିବା ଅଭିଯୋଗ ଆସିଛି । ଏହା ଫଳରେ ଚାଷୀଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ବଢୁଛି । ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ସତ୍ତ୍ୱେ ଚାଷୀଙ୍କୁ ଅଧିକ ମୂଲ୍ୟ ଦେଇ ସାର କିଣିବାକୁ ପଡୁଥିବାରୁ ଅସନ୍ତୋଷ ବଢ଼ିଛି । କେତେକ ଡିଲର ଓ ରିଟେଲରଙ୍କ କହିବା ଅନୁଯାୟୀ, କମ୍ପାନି ପକ୍ଷରୁ ଅତିରିକ୍ତ ସାମଗ୍ରୀ ନେବାକୁ ଚାପ ରହୁଥିବାରୁ ସେମାନେ ବାଧ୍ୟ ହୋଇ ଚାଷୀଙ୍କୁ ଏହା ବିକ୍ରି କରୁଛନ୍ତି । ଏଥିରେ ସେମାନଙ୍କର ମଧ୍ୟ ଅସନ୍ତୋଷ ରହିଥିବା ସେମାନେ କହିଛନ୍ତି । କୋରାପୁଟ ଜିଲ୍ଲାରେ ଖରିଫ ଋତୁରେ ୟୁରିଆ ୨୪ ହଜାର ୫ ଶହ ମେଟ୍ରିକ ଟନ, ଡିଏପି ୧୧ ହଜାର ୯ ଶହ ମେଟ୍ରିକ ଟନ, ଏମଓପି ୬ ହଜାର ୩୯୦ ମେଟ୍ରିକ ଟନ, ଏନପିକେଏସ ୯ ହଜାର ୮ଶହ ୯୦ ଏସଏସପି ୩ ଶହ ମେଟ୍ରିକ ଟନ ମୋଟ ୫୨ ହଜାର ୯୮୦ ମେଟ୍ରିକ ଟନ ସାର ଆବଶ୍ୟକତା ରହିଛି । ୩୧.୭.୨୬ ଭିତରେ ୟୁରିଆ ସହ ସମସ୍ତ ସାର ୩୪ ହଜାର ୭୬୫.୭୭ ମେଟ୍ରିକଟନ ସାର ଆସିଛି । ଜିଲ୍ଲାରେ ୪୬ଟି ହୋଲସେଲର ରହିଥିବା ବେଳେ ୩୨୯ଟି ରିଟେଲର ରହିଛନ୍ତି । ସରକାରୀ ବ୍ୟବସ୍ଥା ଅନୁଯାୟୀ, ଚଳିତ ଖରିଫ ଋତୁରେ ୬୦ ପ୍ରତିଶତ ସାର ମାର୍କଫେଡ୍ ମାଧ୍ୟମରେ ସମବାୟ ସମିତି ଜରିଆରେ ଏବଂ ୪୦ ପ୍ରତିଶତ ସାର ଘରୋଇ ଡିଲର ଓ ରିଟେଲରଙ୍କ ମାଧ୍ୟମରେ ବିକ୍ରି କରାଯାଉଛି । ତେବେ ସବୁ ଗାଁରେ ସମବାୟ ସଂସ୍ଥାର ସୁବିଧା ନଥିବାବେଳେ ଗାଁ ଗାଁରେ ଘରୋଇ ରିଟେଲର ରହିଛନ୍ତି । ଏହାର ସୁଯୋଗ ନେଇ ତଳସ୍ତରରେ କେତେକ ରିଟେଲର ମନମୁଖୀ ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ୟୁରିଆର ସର୍ବାଧିକ ନିର୍ଦ୍ଧାରିତ ମୂଲ୍ୟ ବସ୍ତା ପିଛା ୨୬୬ ଟଙ୍କା ଥିବାବେଳେ ଚାଷୀଙ୍କ ନିକଟରେ ଏହା ୪ଶହରୁ ୫ଶହ ଟଙ୍କାରେ ପହଂଚୁଥିବା ଅଭିଯୋଗ ରହିଛି । ସେହିପରି ଡିଏପିର ନିର୍ଦ୍ଧାରିତ ମୂଲ୍ୟ ୧୩୫୦ ଟଙ୍କା ଥିବାବେଳେ ଏହା ୨୧ ଶହରୁ ୨୪ ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଧାନ କିଣା ଭଳି ସାର ବିକ୍ରିର ଦାୟିତ୍ୱ ମଧ୍ୟ ସମବାୟ ସଂସ୍ଥାଗୁଡ଼ିକୁ ଦିଆଯାଇଛି ।

# ବୌଦ୍ଧ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ ସହ ବିଭାଗୀୟ ସମୀକ୍ଷା କଲେ ବିଧାୟକ

ବୌଦ୍ଧ,୪/୦୮ (ନି.ପ୍ର): ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଆଜି ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକର ବନ୍ୟା ପ୍ରଭାବିତ ବିଭିନ୍ନ ଅଂଚଳ ପରିଦର୍ଶନ କରି ପରିସ୍ଥିତିର ଅନୁଧ୍ୟାନ କରିବା ସହ ବନ୍ୟାଜନିତ କ୍ଷୟକ୍ଷତି ନେଇ ବିଭାଗୀୟ ସମୀକ୍ଷା କରିଥିଲେ। ଗତ ପ୍ରାୟ ଏକ ସପ୍ତାହ ଧରି ମହାନଦୀରେ ବନ୍ୟାଜଳ ପ୍ରବାହିତ ହେବା ଫଳରେ ହରଭଙ୍ଗା ବ୍ଲକର କୁମାରୀ, କୁଶାସିଙ୍ଗା, କୁଡ଼ାସିଙ୍ଗା, ଖଣ୍ଡିଧଳପୁର, ପାଣିଘରା ସମେତ ବିଭିନ୍ନ ଗ୍ରାମ ବନ୍ୟା ଜଳ ଦ୍ୱାରା ପ୍ରଭାବିତ ହୋଇଥିଲା। ବହୁ ଚାଷଜମିରେ ବନ୍ୟା ପାଣି ଜମି ରହିବା ଫଳରେ ଧାନ ଓ ପନିପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ବର୍ତ୍ତମାନ ମହାନଦୀର ଜଳସ୍ତର ହ୍ରାସ ପାଇ ବିପଦ କଟିଯାଇଥିଲେ ମଧ୍ୟ ବନ୍ୟା ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ଏବଂ କ୍ଷୟକ୍ଷତି ଲାଗି ରହିଛି। ପରିଦର୍ଶନ ସମୟରେ ବିଧାୟକଙ୍କ ସହ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା, ଡେପୁଟି କଲେକ୍ଟର ଜ୍ୟୋତି ରଞ୍ଜନ ଭୁଏ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ବୁଲି ଦେଖିଥିଲେ । ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପରବର୍ତ୍ତୀ ସମୟରେ କୁଶଙ୍ଗ ପଂଚାୟତ ଠାରେ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ନେଇ ବନ୍ୟାଜନିତ କ୍ଷୟକ୍ଷତି ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

# ଢେମ୍ସାକୁ ବିଶ୍ୱ ଦରବାରରେ ପହଞ୍ଚାଇଲା ଆନ୍ଧ୍ର

ଜୟପୁର,୪/୦୮ (ନି.ପ୍ର): ପୁଣି ହାତଛଡ଼ା ହେଲା କୋରାପୁଟର ଗୌରବ। ଢେମ୍ସାକୁ ବିଶ୍ୱ ଦରବାରରେ ପହଂଚାଇଲା ଆନ୍ଧ୍ର, ନିଜ ଐତିହ୍ୟକୁ ନେଇ ପୁଣି ନୀରବ ରହିଲା ଓଡ଼ିଶା। ଇତିହାସ ବୋଧହୁଏ ପୁଣି ନିଜକୁ ଦୋହରାଉଛି। ଯେଉଁ ଲୋକନୃତ୍ୟକୁ କୋରାପୁଟର ଆଦିବାସୀ ଜୀବନର ଅବିଚ୍ଛିନ୍ନ ଅଂଶ ବୋଲି ଅନେକ ଗବେଷଣା ଓ ଲୋକପରମ୍ପରା ଦର୍ଶାଉଛି, ସେହି ଢେମ୍ସା ଆଜି ବିଶ୍ୱ ମଂଚରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟ ଭାବେ ଚର୍ଚ୍ଚାରେ। ଭୋଗାପୁରମ ବିମାନବନ୍ଦର ଉଦ୍ଘାଟନ ଅବସରରେ ୧୩ ହଜାରରୁ ଅଧିକ ମହିଳାଙ୍କ ଢେମ୍ସା ନୃତ୍ୟ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛି। ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହା ସହ ଓଡ଼ିଶା ପାଇଁ ଏକ ଅସ୍ୱାସ୍ଥ୍ୟକର ପ୍ରଶ୍ନ ମଧ୍ୟ ଛାଡ଼ି ଯାଇଛି ନିଜ ସଂସ୍କୃତିକୁ ବିଶ୍ୱ ସାମ୍ନାରେ ଉପସ୍ଥାପନ କରିବାରେ ଆମେ ବାରମ୍ବାର କାହିଁକି ବିଫଳ ହେଉଛୁ। କାର୍ଯ୍ୟକ୍ରମରେ ବ୍ୟବହୃତ ଗୀତ କୋରାପୁଟିଆ ଦେଶିଆ ଓଡ଼ିଆ ଭାଷାର। ନୃତ୍ୟର ମୂଳକୁ ନେଇ ମଧ୍ୟ ଅନେକ ଗବେଷକ କୋରାପୁଟକୁ ଉଲ୍ଲେଖ କରିଛନ୍ତି। ତଥାପି ସମଗ୍ର ଆୟୋଜନର ସରକାରୀ ପ୍ରଚାରରେ ଆନ୍ଧ୍ରପ୍ରଦେଶର ସାଂସ୍କୃତିକ ପରିଚୟକୁ ଆଗରେ ରଖାଯାଇଥିବାରୁ ସୋସିଆଲ ମିଡିଆରେ ଅନେକେ ପ୍ରଶ୍ନ କରିଛନ୍ତି । କୋରାପୁଟର ଐତିହ୍ୟକୁ ଯଥାଯଥ ସ୍ୱୀକୃତି କେଉଁଠି ? ଏଠାରେ ମୂଳ ପ୍ରଶ୍ନ ଆନ୍ଧ୍ରପ୍ରଦେଶକୁ ନେଇ ନୁହେଁ। ପ୍ରଶ୍ନ ହେଉଛି ଓଡ଼ିଶାର ଉଦାସୀନତାକୁ ନେଇ। ପଡ଼ୋଶୀ ରାଜ୍ୟ ନିଜ ସଂସ୍କୃତିର ପ୍ରଚାର ପାଇଁ ଯୋଜନା କରୁଛି, ବିଶ୍ୱ ରେକର୍ଡ କରୁଛି, ପର୍ଯ୍ୟଟନ ସହ ଯୋଡୁଛି। ଆଉ ଓଡ଼ିଶା ନିଜର ଲୋକନୃତ୍ୟ, ଲୋକଗୀତ ଓ ଆଦିବାସୀ ପରମ୍ପରାକୁ ନେଇ ଏପରି ବଡ଼ ମଞ୍ଚ ସୃଷ୍ଟି କରିବାରେ ବାରମ୍ବାର ପଛରେ ପଡୁଛି। ଫଳରେ ଅନ୍ୟ ରାଜ୍ୟ ଯେତେବେଳେ ଏହି ପରମ୍ପରାକୁ ବଡ଼ ପରିସରରେ ଉପସ୍ଥାପନ କରେ, ସେତେବେଳେ ଓଡ଼ିଶା ପାଖରେ କେବଳ ପ୍ରତିବାଦ କରିବା ବ୍ୟତୀତ ଆଉ କିଛି ରହେ ନାହିଁ। ଏହା ପ୍ରଥମ ଘଟଣା ନୁହେଁ। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ସହ ବିବାଦ, ଶ୍ରୀଜଗନ୍ନାଥ ପରମ୍ପରାକୁ ନେଇ ବିଭିନ୍ନ ସମୟରେ ଉଠିଥିବା ତର୍କ, ଓଡ଼ିଶୀ ଐତିହ୍ୟର ଅନ୍ୟାନ୍ୟ ଉପାଦାନକୁ ନେଇ ସମୟ ସମୟରେ ସୃଷ୍ଟି ହୋଇଥିବା ମତଭେଦ— ସବୁ ଘଟଣା ଗୋଟିଏ କଥା କହୁଛି। ଓଡ଼ିଶା ନିଜ ଐତିହ୍ୟର ସୁରକ୍ଷା ଓ ପ୍ରଚାରରେ ଯେତେ ତତ୍ପର ହେବା କଥା, ସେତେ ହୋଇପାରିନାହିଁ। ସଂସ୍କୃତି କେବଳ ଭାବନାର ବିଷୟ ନୁହେଁ। ଏହା ପରିଚୟ, ପର୍ଯ୍ୟଟନ, ଅର୍ଥନୀତି ଓ ରାଜ୍ୟର ବ୍ରାଣ୍ଡିଂ ସହ ମଧ୍ୟ ଜଡ଼ିତ। ଯିଏ ନିଜ ସଂସ୍କୃତିକୁ ଭଲଭାବେ ଉପସ୍ଥାପନ କରିପାରେ, ଜାତୀୟ ମଞ୍ଚରେ ସେହି ରାଜ୍ୟର ପରିଚୟ ଅଧିକ ମଜବୁତ ହୁଏ। ଏହି କ୍ଷେତ୍ରରେ ଆନ୍ଧ୍ରପ୍ରଦେଶ ଯୋଜନାବଦ୍ଧ ଭାବେ ଆଗକୁ ବଢୁଥିବା ବେଳେ, ଓଡ଼ିଶାର ପଦକ୍ଷେପ ସେତେଟା ଦୃଶ୍ୟମାନ ହେଉନାହିଁ ବୋଲି ସଂସ୍କୃତି ମହଲରେ ମତ ପ୍ରକାଶ ପାଉଛି। ଢେମ୍ସା ବିବାଦ ପୁଣି ଥରେ ଗୋଟିଏ ସତର୍କବାଣୀ ଦେଇଛି। ନିଜର ଐତିହ୍ୟକୁ କେବଳ ପୁସ୍ତକରେ ଲେଖି ରଖିଲେ ହେବ ନାହିଁ। ତାହାକୁ ବିଶ୍ୱ ଦରବାରରେ ପହଂଚାଇବାକୁ ପଡ଼ିବ। ନଚେତ୍ ଆଗାମୀ ଦିନରେ ଆଉ ଅନେକ ଲୋକପରମ୍ପରାକୁ ନେଇ ସମାନ ପ୍ରଶ୍ନ ଉଠିବ, ଆଉ ଓଡ଼ିଶା ପୁଣି ଥରେ କେବଳ ଦର୍ଶକ ସାଜି ରହିଯିବ ।

# ଆଦି ନେତା ବିଚିତ୍ରାନନ୍ଦ



ଦିଲ୍ଲୀପ କୁମାର ସାହୁ

୧୮୦୩ ମସିହାରେ ଇଂରେଜମାନେ ଓଡିଶା ଦଖଲ କଲେ। ସେମାନେ କିନ୍ତୁ ଓଡ଼ିଆ ପାଇକ ଓ ପାଇକମାନଙ୍କ ମୁଖିଆମାନଙ୍କୁ ଖୁବ୍ ଭୟ କରୁଥିଲେ। ତେଣୁ ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେବାପାଇଁ ଇଂରେଜମାନେ ଓଡ଼ିଆ ଭାଷାଭାଷି ଅଞ୍ଚଳକୁ ତିନିଭାଗ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇଦେଲେ। ଫଳରେ ଉତ୍କଳ ଜନନୀ କେବଳ ତାର ଅସ୍ତିତ୍ୱ ହରାଇ ବସିଲାନି, ଓଡିଆ ଭାଷା ମଧ୍ୟ ତାର ସତ୍ତା ହରାଇବାକୁ ଆରମ୍ଭକଲା। ସେତେବେଳ ଭାଷାର ସୁରକ୍ଷାପାଇଁ ପ୍ରଥମେ ଯେଉଁ ସ୍ୱାଭିମାନୀ ଓଡିଆ ଉଦ୍ୟମ ଆରମ୍ଭ କରିଥିଲେ ସେ ହେଉଛନ୍ତି ନେତାମାନଙ୍କର ନେତା ଆଦିନେତା ବିଚିତ୍ରାନନ୍ଦ ଦାସ। ଯାହାଙ୍କ ପ୍ରେରଣାରେ ମଧୁସୂଦନ ଦାସ, ବ୍ରଜସୁନ୍ଦର ଦାସ, ଗୌରୀଶଙ୍କର ରାୟ ଆଦି ଯୁବକମାନେ ଉଚ୍ଚଶିକ୍ଷା ପରେ ସହଜରେ ମିଳୁଥିବା ସରକାରୀ ଚାକିରୀ ନକରି ସ୍ୱତନ୍ତ୍ର ଉତ୍କଳ ଗଠନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ଓ ସଫଳ ହୋଇଥିଲେ।

ବିଚିତ୍ରାନନ୍ଦଙ୍କ ଜନ୍ମ ତତ୍କାଳୀନ ଅବିଭକ୍ତ କଟକ ଜିଲ୍ଲାରେ। ଜିଲ୍ଲାର ଯାଜପୁର ନିକଟବର୍ତ୍ତୀ ମଙ୍ଗଳପୁର ଥାନା କଣ୍ଟାବଣିଆ ଗ୍ରାମରେ,୧୮୨୭ ମସିହାରେ ଜନ୍ମ ହୋଇଥିଲେ ସେ। ମାତା ରାଣୀ ଦେବୀ ଓ ପିତା ତ୍ରିଲୋଚନ ଦାସଙ୍କର ସେଥିଲେ ଏକମାତ୍ର ସନ୍ତାନ। ସେତେବେଳ କୁସଂସ୍କାରରେ ଭରା ଓଡ଼ିଆ ସମାଜରେ ଇଂରେଜୀ ଶିକ୍ଷାକୁ ସମାଜପତିମାନେ ଘୃଣା କରୁଥିଲେ । ସେମାନେ କହୁଥିଲେ ଇଂରେଜୀ ପଢିବା ଅର୍ଥ ବିଧର୍ମୀ ହୋଇଯିବା। ସେଥିପାଇଁ ଇଁରେଜ ସରକାର ଚାହିଁଲେ ମଧ୍ୟ ରାଜ୍ୟରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଖୋଲାଯାଇ ପାରୁନଥିଲା। ଯଦି ଖୋଲୁଥିଲା, ପିଲା ନଆସିବାରୁ ତାହା ବନ୍ଦ ହୋଇଯାଉଥିଲା। ଫଳରେ ଇଂରାଜୀ ପଢିବାକୁ ଇଚ୍ଛା କରୁଥିବା ପିଲାମାନଙ୍କୁ ବହିରେ ଡୋରି ବାନ୍ଧିବାକୁ ପଡୁଥିଲା। ବିଚିତ୍ରାନନ୍ଦଙ୍କୁ ମଧ୍ୟ ସେହି ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା।

ବିଚିତ୍ରାନନ୍ଦ ଭଲ ପଢୁଥିଲେ। ତାଙ୍କ ବାପାଙ୍କର ଇଚ୍ଛାଥିଲା ପୁଅ ଇଂରାଜୀ ପଢୁ ବୋଲି । ହେଲେ ସେ ପଢିବ କେଉଁଠି ! ପ୍ରାଥମିକ ଶିକ୍ଷାପରେ ତ୍ରିଲୋଚନ ବାବୁ ପୁଅକୁ ନେଇ ବାଲେଶ୍ୱରରେ ଥିବା ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଦେଲେ। କିନ୍ତୁ ଛାତ୍ର ଅଭାରୁ ବିଦ୍ୟାଳୟଟି ବନ୍ଦ ହୋଇଗଲା। ବିଚାରା ବିଚିତ୍ରାନନ୍ଦ କରନ୍ତେ କଣ ! କିଛିଦିନ ପରେ ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି କଟକ ଇଂରାଜୀ ବିଦ୍ୟାଳୟରରେ ପାଠ ପଢିଲେ।

ବିଚିତ୍ରାନନ୍ଦ ଇଂରାଜୀ ବିଦ୍ୟାଳୟରୁ ପଢା ସାରୁସାରୁ କଟକରେ ଥିବା ଫୌଜଦାରୀ କଚେରୀରେ ମୋହରିର ଚାକିରୀ ପାଇଗଲେ। ସେତେବେଳେ ସରକାରୀ କାର୍ଯ୍ୟାଳୟ ମାନଙ୍କରେ କେବଳ ବଙ୍ଗାଳୀ ଓ ତେଲୁଗୁ ଅମଲା ମାନଙ୍କୁ ଦେଖିବାକୁ ମିଳୁଥିଲା। ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଓଡ଼ିଆମାନେ ସରକରୀ ଚାକିରୀ ପାଉନଥିଲେ। ବିଚିତ୍ରାନନ୍ଦଙ୍କ ଯୋଗଦାନ ତାଙ୍କ ଅଣଓଡିଆ ସହକର୍ମୀଙ୍କୁ ଅସହ୍ୟ ଲାଗୁଥାଏ। ତେଣୁ ସେମାନେ ତାଙ୍କ ପଛରେ କଟୁ ମନ୍ତବ୍ୟ ଦେଉଥିଲେ। ହେଲେ ବିଚିତ୍ରାନନ୍ଦ ସେଥିପ୍ରତି ଧ୍ୟାନ ନଦେଇ ନିଜକାର୍ଯ୍ୟରେ ମନ ନିବେଶ କରୁଥିଲେ। ଜଣେ ମୋହରିର ଭାବରେ ଆଇନ କାନୁନ ସମ୍ପର୍କରେ ଯଥେଷ୍ଟ ଜ୍ଞାନ ରହିବା ଆବଶ୍ୟକ। ତେଣୁ ସେ ଦିଗରେ ବିଚିତ୍ରାନନ୍ଦ ଯଥେଷ୍ଟ ଧ୍ୟାନ ଦେଉଥିଲେ। ଫଳରେ ଅଳ୍ପଦିନ ମଧ୍ୟରେ ସେ ଆଇନ କାନୁନ ସମ୍ପର୍କରେ ବେଶ୍ ଜ୍ଞାନ ଆହରଣ କରିପାରିଲେ ଓ ଓଡ଼ିଆ ମାନଙ୍କୁ ବିଭିନ୍ନ ମାମଲାରେ ସାହାଯ୍ୟ କରିପାରିଲେ। ଏହାଦ୍ୱାରା ସବୁ ମହଲରେ ତାଙ୍କୁ ଲୋକେ ଭଲପାଇଲେ। ଏପରିକି ବ୍ରିଟିଶ ହାକିମମାନଙ୍କର ମଧ୍ୟ ସେ ପ୍ରିୟପାତ୍ର ହୋଇପାରିଲେ।

୧୮୬୦ ମସିହା ବେଳକୁ ବିଚିତ୍ରାନନ୍ଦ କୋର୍ଟ କଚେରୀର ଜଣେ ଜଣାଶୁଣା ଅମଲା ପାଲଟିଯାଇଥିଲେ। ସେତେବେଳ କଟକର ବ୍ରିଟିଶ କମିଶନ ଥାଆନ୍ତି ଟ୍ରେଲର ସାହେବ। ସେ ମଧ୍ୟ ବିଚିତ୍ରାନନ୍ଦଙ୍କ କାମକୁ ଖୁବ୍ ପସନ୍ଦ କରୁଥିଲେ। ତେଣୁ ସେ ତାଙ୍କୁ ଫୌଜଦାରୀ କଚେରୀରୁ ଆଣି ତାଙ୍କ ଶିରସ୍ତା ବା ତାଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦେଲେ।

୧୮୬୫ ମସିହାରେ ରେଭେନ୍ସା ସାହେବ କଟକର କମିଶନ ହୋଇ ଆସିଲେ। ସେତେବେଳ କ୍ରମାଗତ ମରୁଡି ଯୋଗୁ ଓଡିଶାର ଚାରିଆଡେ ଖାଦ୍ୟାଭାବ ଦେଖାଦେଇଥାଏ। କି ଧନୀ କି ଗରିବ ସମସ୍ତେ ଭାତ ମୁଠାଏ ପାଇଁ ତହଲ ବିକଳ ହେଉଥାନ୍ତି। ଏହି ଦୁର୍ବିପାକ ଇତିହାସରେ ନଅଙ୍କ ଦୁର୍ଭିକ୍ଷ ଭାବରେ ଲିପିବଦ୍ଧ। ସେତେବେଳ ଯୁଆଡେ ଦେଖିବ ସେଆଡେ ଖାଲି କଙ୍କାଳ। ସରକାର ଦୁର୍ଭିକ୍ଷ ସମୟରେ ରିଲିଫ ଯୋଗାଇବାରେ ବିଫଳ ହେଲେ। ଫଳରେ ଖାଦ୍ୟ ଅଭାବରୁ ହଜାର ହଜାର ଓଡ଼ିଆ ମୃତ୍ୟୁବରଣ କଲେ। ଏହା ରେଭନ୍ସା ସାହେବଙ୍କୁ ଦାରୁଣ ମାନସିକ ଧକ୍କା ଦେଲା । ସେ ଏହାର କାରଣ ଅନୁସନ୍ଧାନ କରି ଜାଣିଲେ ଯେ ଅଣଓଡିଆ ଅମଲାଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁ ପରିସ୍ଥିତି ଏତେ ଭୟାବହ ହୋଇଗଲା। ରେଭେନ୍ସା ସାହେବ ଜଣେ ନୀତିବାନ ଓଡ଼ିଆ ଅମଲାଙ୍କୁ ଖୋଜୁଖୋଜୁ ତାଙ୍କର ଦୃଷ୍ଟିପଡିଲା ବିଚିତ୍ରାନନ୍ଦଙ୍କ ଉପରେ। ବିଚିତ୍ରାନନ୍ଦଙ୍କ ଯୋଗୁ ରିଲିଫ ଯୋଗାଣ ସହଜ ହୋଇଗଲା। ଭୋକିଲା ଲୋକଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ପାଇଁ ଅନ୍ନଛତ୍ର ଖୋଲାଗଲା। ଜାତିଯିବା ଭୟରେ ଅନ୍ନଛତ୍ରକୁ ଆସୁନଥିବା ରକ୍ଷଣଶୀଳ ଲୋକଙ୍କ ପାଇଁ ଶସ୍ତା ଚାଉଳ ଯୋଗାଇ ଦିଆଗଲା । ଏସବୁ କାର୍ଯ୍ୟକୁ ସଫଳତାର ସହ ପରିଚାଳନା କରିଥିଲେ ବିଚିତ୍ରାନନ୍ଦ । ଫଳରେ ଧୀରେ ଧୀରେ ଦୁର୍ଭିକ୍ଷ ସମସ୍ୟା ସମାହିତ ହେବାକୁ ଆରମ୍ଭ କଲା।

ଦୁର୍ଭିକ୍ଷ ପରିଚାଳନା ସଫଳତା ବିଚିତ୍ରାନନ୍ଦଙ୍କୁ ରେଭେନ୍ସା ସାହେବଙ୍କର ଆହୁରି ନିକଟତର କରିଦେଲା। ରେଭେନ୍ସା ସାହେବ ସବୁବେଳେ, ସମସ୍ତଙ୍କ ଆଗରେ କହୁଥିଲେ ବିଚିତ୍ରାନନ୍ଦ ତାଙ୍କର ମନ୍ତ୍ରୀ ବୋଲି। ବିଚିତ୍ରାନନ୍ଦ ମଧ୍ୟ ଏହାର ସୁଯୋଗ ନେବାପାଇଁ ପଛାଇଲେ ନାହିଁ। ସବୁ ଓଡ଼ିଆଙ୍କ ପାଇଁ ଚିନ୍ତା କରୁଥିବା ବିଚିତ୍ରାନନ୍ଦ ଅନୁଭବ କରିଥିଲେ ଯେ ଶିକ୍ଷାର ଅଭାବ ଯୋଗୁ ଓଡ଼ିଆମାନେ ପଛରେ ରହିଛନ୍ତି। ତେଣୁ ସେ ରେଭେନ୍ସା ସାହେବଙ୍କୁ ଅନୁରୋଧ କରିବା ଫଳରେ କଟକରେ କଲିଜିଏଟ ସ୍କୁଲ, ପ୍ୟାରୀମୋହନ ଏକାଡେମୀ ଭଳି ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାପାଇଁ ଏକ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସେହି ମହାବିଦ୍ୟାଳୟ, ପ୍ରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟ ଭାବେ ନାମିତ ହୋଇଥିଲା। ଏବେ ତାହା ରେଭେନ୍ସା ବିଶ୍ୱବିଦ୍ୟାଳୟ ରୂପେ ବିବେଚିତ।

ଶିକ୍ଷାନୁଷ୍ଠାନମାନ ସିନା ଗଢି ଉଠିଲା ହେଲେ ଶିକ୍ଷାର ମାଧ୍ୟମ ଥିଲା ବଙ୍ଗାଳୀ ଭାଷା। କାରଣ ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକ ନଥିଲା। ବଙ୍ଗାଳୀ ଶିକ୍ଷା ଅଧିକାରୀମାନେ ପୁସ୍ତକକୁ ଆଳ କରି ଓଡିଆରେ ପାଠପଢା ଉପରେ ରୋକ୍ ଲଗାଇଦେଲେ। ଏହା ବିଚିତ୍ରାନନ୍ଦଙ୍କୁ ଖୁବ୍ ବାଧିଲା। ତେଣୁ ବିଚିତ୍ରାନନ୍ଦ, ଫକୀରମୋହନ ଓ ଗୌରୀଶଙ୍କରଙ୍କ ପରି ସେତେବେଳର ଖ୍ୟାତନାମା ଲେଖକମାନଙ୍କ ସହ ମିଶି ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ରଚନାରେ ଲାଗିପଡିଲେ। ଫଳରେ ୧୮୬୯ ମସିହାବେଳକୁ ଆଉ ପାଠ୍ୟ ପୁସ୍ତକ ସମସ୍ୟା ରହିଲାନାହିଁ ଓ ବିଦ୍ୟାଳୟ ମାନଙ୍କରେ ଓଡ଼ିଆ ଭାଷାରେ ପାଠ ପଢାଗଲା। ଓଡ଼ିଶାର ସାଂସ୍କୃତିକ ଇତିହାସରେ ଏହାକୁ କୁହାଯାଏ ଭାଷା ଆନ୍ଦୋଳନ। ଏହି ଆନ୍ଦୋଳନରେ ବିଚିତ୍ରାନନ୍ଦ ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଥିଲେ।

ପାଠ୍ୟ ପୁସ୍ତକ ରଚନାବେଳେ ବିଚିତ୍ରାନନ୍ଦ ଏକ କୃଷିବିଜ୍ଞାନ ବହି ଲେଖିଥିଲେ। ବହିଟି ଛାତ୍ର ଓ ଶିକ୍ଷକ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା। ବହିଟିର ଉପାଦେୟତାକୁ ଉପଲବ୍ଧି କରି ତତ୍କାଳୀନ ବଙ୍ଗ ସରକାର କିଛି ବହି କିଣିନେଇ ବଙ୍ଗଳାର ଜମିଦାର ମାନଙ୍କୁ ବାଣ୍ଟିଥିଲେ।

ସେତେବେଳେ ଲୋକଙ୍କ ସୁବିଧା ଅସୁବିଧା କଥା ସରକାରଙ୍କ ପାଖରେ ପହଞ୍ଚାଇବାର ଏକମାତ୍ର ମାଧ୍ୟମ ଥିଲା ଖବରକାଗଜ। ୧୭୬୯ ମସିହାରେ କଟକ ନିକଟବର୍ତ୍ତୀ କୁଜିବର ଗାଁଆରୁ ଏକ ହାତଲେଖା ଖବରକାଗଜ ପ୍ରକାଶ ପାଉଥିଲା। ପରେ ତାହା ବନ୍ଦ ହୋଇଯାଇଥିଲା। ବିଚିତ୍ରାନନ୍ଦ ଏକ ମୁଦ୍ରିତ ଖବରକାଗଜ ପ୍ରକାଶନପାଇଁ ଉଦ୍ୟମ ଆରମ୍ଭ କଲେ। ବିଭିନ୍ନ ଲୋକଙ୍କଠାରୁ ଋଣ ଆଣି ସେ ଏକ ଛାପାଖାନା ପ୍ରତିଷ୍ଠାକଲେ ।ନାଁଆ ରହିଲା କଟକ ପ୍ରିଣ୍ଟିଂ ପ୍ରେସ୍ । ସେହି ଛାପାଖାନାରୁ ପ୍ରକାଶ ପାଇଲା ପ୍ରଥମ ମୁଦ୍ରିତ ଓଡ଼ିଆ ସମ୍ବାଦପତ୍ର ଉତ୍କଳ ଦୀପିକା। ଗୌରୀଶଙ୍କର ରାୟ ରହିଲେ ଏହାର ସମ୍ପାଦକ। ଏହି ସମ୍ବାଦପତ୍ର ନୀରବଚ୍ଛିନ୍ନ ଭାବରେ ତିରିଶ ବର୍ଷ ଧରି ପ୍ରକାଶିତ ହୋଇଥିଲା ।

ଇଂରେଜମାନେ ଓଡିଶାକୁ ଭାଗଭାଗ କରି ପଡୋଶୀ ରାଜ୍ୟମାନଙ୍କ ସହ ମିଶାଇ ଦେଇଥିବା ଫଳରେ ଓଡ଼ିଆ ଭାଷା ତାର ଅସ୍ତିତ୍ୱ ହରାଇ ବସିଥିଲା ଏବଂ ଓଡ଼ିଆମାନେ ନିଜର ପରଚୟକୁ ହରାଇ ବସିଥିଲେ। ତେଣୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ପ୍ରଥମେ ଉଦ୍ୟମ ଆରମ୍ଭ କରିଥିଲେ ବିଚିତ୍ରାନନ୍ଦ। ୧୯୬୫ ମସିହାରେ ବଙ୍ଗଳାର ଛୋଟ ଲାଟ୍ , ସାର୍ ରାଚାର୍ଡ ଟମ୍ପେଲ ବାଲେଶ୍ୱର ବୁଲି ଆସିଥିଲେ। ବିଚିତ୍ରାନନ୍ଦ ସେଠାରେ ଛୋଟଲାଟଙ୍କୁ ଭେଟି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଏକ ସ୍ମାରକପତ୍ର ଦେଇଥିଲେ। ସେଥିରେ ମଧ୍ୟ ରେଳପଥର ବିକାଶ ଓ ବିଭିନ୍ନ ଅଞ୍ଚଳରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠାପାଇଁ ଅନୁରୋଧ କରିଥିଲେ ।

ଭାଷା ଆନ୍ଦୋଳନ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସେତେବେଳେ ଯେଉଁ ସଭା ସମିତି ହେଉଥିଲା ସେସବୁର ସମସ୍ତ ଖର୍ଚ୍ଚ ବହନକରୁଥିଲେ ବିଚିତ୍ରାନନ୍ଦ । ୧୯୭୪ ମସିହା ନଭେମ୍ବର ୮ ତାରିଖରେ ଇଂରେଜ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ରାଜା ମହାରାଜା ମାନଙ୍କର ଏକ 'ଦରବାର' କଟକଠାରେ ଆୟୋଜିତ ହୋଇଥିଲା। ଦରବାରରେ ଯୋଗଦେଇଥିବା ରାଜା ମହାରାଜାମାନଙ୍କୁ ନିମନ୍ତ୍ରଣ କରି ବିଚିତ୍ରାନନ୍ଦ ନିଜ ସରକାରୀ ବାସଭବନ ରେ ଏକ ସଭାର ଆୟୋଜନ କରିଥିଲେ। ଏଥିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସମସ୍ତେ ଚେଷ୍ଟା କରିବା ନିମନ୍ତେ ଅନୁରୋଧ କରିଥିଲେ। ଓଡିଶା ପ୍ରଦେଶ ଗଠନର ତାହାହିଁଥିଲା ପ୍ରଥମ ପ୍ରୟାସ। ଏହି ସଭାର ବର୍ଷେ ନପୁରୁଣୁ ୧୮୭୫ ମସିହା ଅଗଷ୍ଟ ମାସ ୨ ତାରିଖରେ ମାତ୍ର ୪୮ ବର୍ଷ ବୟସରେ ପ୍ରାଣ ହରାଇଥିଲେ ବିଚିତ୍ରାନନ୍ଦ।

ଇତିହାସର ଆଢୁଆଳରେ ଲୁଚିଯାଇଛନ୍ତି ବିଚିତ୍ରାନନ୍ଦ ଦାସ, ଯାହାଙ୍କ ଉଦ୍ୟମ ପାଇଁ ଆଜି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଇବା ସହ ଓଡିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇପାରିଛି। ସେହି ମହାନ ଜାତିପ୍ରେମୀ ଓ ଭାଷାପ୍ରେମୀଙ୍କ ପାଦରେ କୋଟିକୋଟି ପ୍ରଣାମ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# ପରିବର୍ତ୍ତନଶୀଳ ସଂସାର ଓ ଜୀବନର ଲକ୍ଷ୍ୟ

(ଇଂ) ବିଜୟ ଚନ୍ଦ୍ର ମିଶ୍ର



ସାରା ବିଶ୍ୱରେ ଜ୍ଞାନ, ବିଜ୍ଞାନ ତଥା ଦୈନନ୍ଦିନ ଜୀବନଯାପନର ସାଧନ ଯେତେ ଯେତେ ଅଧିକ ଉନ୍ନତ ଓ ଆଧୁନିକ ହେଉଥିବ, ମନୁଷ୍ୟର ମନୋରଞ୍ଜନ ଓ ଭୌତିକ ଆନନ୍ଦର ସାଧନ ସବୁ ସେତେ ଅଧିକ ତଥା ସହଜରେ ଉପଲବ୍ଧ ହେବ । ପ୍ରାୟ ସମସ୍ତ ମନୁଷ୍ୟ ଭୌତିକ ଆନନ୍ଦପ୍ରିୟ । ସଂସାର ସୃଷ୍ଟି ହେବା ଦିନଠାରୁ ପ୍ରତ୍ୟେକ ମନୁଷ୍ୟଠାରେ କମ୍ ହେଉ କି ବେଶି ହେଉ, କାମନା-ବାସନା, ଲୋଭ-ମୋହ, ଈର୍ଷା-ଦ୍ୱେଷ, ଅହଂକାର ଇତ୍ୟାଦି ରହିଛି ଓ ସଦା ରହିଥିବ ।

ଯେଉଁମାନେ ଭୌତିକ ଆନନ୍ଦ ସହ ଆତ୍ମିକ ଆନନ୍ଦର ସାଧନ ଜାଣିପାରିଥାନ୍ତି, ସେମାନେ ଏହି ଜୀବନର ସଠିକ ଉଦ୍ଦେଶ୍ୟ ଓ ମୂଲ୍ୟ ବୁଝିପାରନ୍ତି । ସେହିଭଳି ବୁଦ୍ଧିମାନ ବ୍ୟକ୍ତିବିଶେଷ ଭୌତିକ ଆନନ୍ଦ ଓ ଆଧାତ୍ମିକ ଆନନ୍ଦ—ଏହି ଦୁଇଟି ମଧ୍ୟରେ ସମନ୍ୱୟତା ରଖି ବଞ୍ଚିବାର ପ୍ରକୃତ ଆନନ୍ଦ ଉପଭୋଗ କରିପାରିଥାନ୍ତି । ମାନବ ସେବା, ସ୍ନେହ-ପ୍ରେମ ଭରା ମନୋଭାବ, ଲୋଭ-ମୋହ-ଈର୍ଷା-ଦ୍ୱେଷ ତ୍ୟାଗ, ନିଷ୍କପଟତା, ଭଗବତ୍ ବିଶ୍ୱାସ ଇତ୍ୟାଦିରୁ ଆତ୍ମିକ ଆନନ୍ଦ ମିଳିଥାଏ ।

କୌଣସି ମନୁଷ୍ୟ ପକ୍ଷରେ ସମ୍ପୂର୍ଣ୍ଣ ବୈରାଗ୍ୟକୁ ଆପଣେଇବା ଅତି କାଠିକର ପାଠ ହୋଇଥାଏ। ସେଥିରେ ଜୀବନର ସର୍ବଶ୍ରେଷ୍ଠ ଆନନ୍ଦ ବି ନଥାଏ। ଏଣୁ ଶ୍ରୀମଦ୍‌ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସମାଜ ଭିତରେ ରହି ଜୀବନର ସାର୍ଥକତା ଲାଭ କରିବା ସହ ଜୀବନର ଆନନ୍ଦ ଉପଭୋଗ କରିବା ପାଇଁ କହିଛନ୍ତି । ନିଷ୍ଠାର ସହ ନିଷ୍କାମ କର୍ମ କରିବା ସକାଶେ ଅର୍ଜୁନଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ଆଦେଶ ଦେଇଛନ୍ତି । ସଂସାରର ସବୁ କର୍ମ କରିବା ସହ କର୍ମଫଳ ତଥା ସଂସାରର ମାୟା ପ୍ରତି ଆସକ୍ତ ନହେବା ପାଇଁ ବି ଉପଦେଶ ଦେଇଛନ୍ତି ।

ପ୍ରାଚୀନ ଗ୍ରନ୍ଥ ଅନୁଯାଇ ମହାତ୍ମା ଆଦି ଶଙ୍କରାଚାର୍ଯ୍ୟ ପଣ୍ଡିତ ମଣ୍ଡନ ମିଶ୍ରଙ୍କ ପତ୍ନୀ ଭାରତୀ ଦେବୀଙ୍କ ତର୍କ ଅନୁଯାୟୀ, ପରିଶେଷରେ ପରକାୟା ପ୍ରବେଶ କରି ଅନ୍ୟ ଶରୀରରେ ରହି କାମନା-ବାସନା ଓ ସାଂସାରିକ ଜୀବନକୁ ଉପଭୋଗ କରି ନିଜ ଜ୍ଞାନର ପୂର୍ଣ୍ଣତା ଲାଭ କରିପାରିଥିଲେ ।

ଯେଉଁମାନେ କାମନା-ବାସନା, ଲୋଭ-ମୋହ, ଈର୍ଷା-ଦ୍ୱେଷ ଭଳି ନିଜର ହିଁ ଶତ୍ରୁଙ୍କୁ ଯଥାସମ୍ଭବ ନିୟନ୍ତ୍ରଣ କରିପାରନ୍ତି, ସେମାନେ ଜୀବନର ପ୍ରକୃତ ଆନନ୍ଦ ପାଇପାରନ୍ତି । ଆଉ ଯିଏ ଏହାକୁ ନିଜ ନିୟନ୍ତ୍ରଣରେ ରଖିନପାରିଲା, ସେ ବାହ୍ୟ ଜଗତରେ ଧନୀ, ଜ୍ଞାନୀ, ସମ୍ଭ୍ରାନ୍ତ, ଧର୍ମଗୁରୁ, ରାଜନୀତିଜ୍ଞ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ସାହିତ୍ୟିକ ଭଳି ଦୃଶ୍ୟମାନ ହେଲେ ବି ଜୀବନର ପ୍ରକୃତ ଆନନ୍ଦ ଓ ଆତ୍ମିକ ଆନନ୍ଦ ପାଇନଥାଏ କି ତା' ମନରେ ସ୍ୱଚ୍ଛତା କି ସଚ୍ଚୋଟ ଭାବ ନଥାଏ । ଏହି କାରଣରୁ ଧର୍ମଗୁରୁଙ୍କୁ ମଧ ଦାମୀ କାର ଓ ବିଳାସପୂର୍ଣ୍ଣ ଘର ଆବଶ୍ୟକ ହୋଇଥାଏ । ଧାର୍ମିକ ପ୍ରବଚନ ସକାଶେ ବି ସେମାନେ ବହୁତ ଟଙ୍କା ଦାବି କରିଥାନ୍ତି । ଦେଶସେବାର ଦ୍ୱାହି ଦେଇ ବହୁ ରାଜନେତା ବି ଟଙ୍କା ଓ କ୍ଷମତା ସକାଶେ ଅନେକ ଅସତ୍ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ବହୁତ ଦରମା ପାଇ ବି ବହୁ ଉଚ୍ଚଶିକ୍ଷିତ ଓ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତି ଦୁର୍ନୀତି ଓ କୁତ୍ସିତ କାର୍ଯ୍ୟରେ ଲିପ୍ତ ରହିଥାନ୍ତି ।

ପୂର୍ବେ ଲୋକଙ୍କ ଆର୍ଥିକ ପରିସ୍ଥିତି ବର୍ତ୍ତମାନ ଭଳି ନଥିଲା ଏବଂ ମନୋରଞ୍ଜନର ସାଧନ ବି ବହୁତ ନଥିଲା । ଧନୀ-ଗରିବ ସଭିଙ୍କର ମନୋରଞ୍ଜନର ସାଧନ ପ୍ରାୟ ଏକା ଭଳି ଥିଲା କହିଲେ ଭୁଲ ହେବ ନାହିଁ । ଯାହା ପାଖରେ ବହୁତ ଧନ ରହୁଥିଲା ସେ ଟିକିଏ ଅଧିକ ଉପଭୋଗ କରୁଥିଲା। କିନ୍ତୁ ଖରାପ ଓ ବିପଦପୂର୍ଣ୍ଣ ରାସ୍ତାଘାଟ ହେତୁ ଦୂରସ୍ଥାନକୁ ଯିବା ବି ଏତେ ସହଜ ନଥିଲା । ଏହା ସହିତ ଯାତାୟତ ସକାଶେ ଗାଡ଼ିମଟର ଭଳି ଉନ୍ନତ ସାଧନ ତଥା ଖବର ଆଦାନପ୍ରଦାନର ସାଧନ ସୁଗମ ନଥିବା ହେତୁ ଏହି ଭୌତିକ ଆନନ୍ଦ ଓ ମନୋରଞ୍ଜନ ସାଧାରଣତଃ ଗାଁ ଭିତରେ ହିଁ ସୀମିତ ରହୁଥିଲା ।

ପୁରାତନ ସମୟରେ ଆଜି ଭଳି ବିଦେଶ ଭ୍ରମଣ, ଦାମୀ ମୋଟରକାର, ଏ.ସି., ଟି.ଭି., ଫ୍ରିଜ୍, ଦାମୀ ଘରୋଇ ଉପକରଣ, ଉଡ଼ାଜାହାଜ ଯାତ୍ରା, ଦେଶବିଦେଶରେ ନାଇଟ୍ ଲାଇଫ୍, ଦାମୀ ମଦ, ଉଦ୍ଧତ ଜୀବନଶୈଳୀ, ଦାମୀ ଯୌନସୁଖ ଇତ୍ୟାଦି ମିଳିବା ସହଜ ନଥିଲା । ଯଦିଓ ପୂର୍ବରୁ ବି ମଦିରାଳୟ, ଗଣିକାଳୟ, ଯଥା ସମ୍ଭବ ଦୂର ରାଜ୍ୟ ଓ ସ୍ଥାନକୁ ଭ୍ରମଣ, ନାଚଗୀତ, ନାଟକ ଇତ୍ୟାଦି ଥିଲା । ପୂର୍ବରୁ ଏକାଧିକ ପତ୍ନୀ ରଖିବାର ସାମାଜିକ ସ୍ୱୀକୃତି ବି ଥିଲା । ପ୍ରେମ ବି ଥିଲା ଓ ପରକୀୟା ପ୍ରୀତି ବି ଥିଲା । କିଛି ଉଚ୍ଚଜାତି ପୁରୁଷଙ୍କର ବିବାହ ବାହାରେ ବି ଅନ୍ୟ ଜାତିର ମହିଳାଙ୍କ ସହିତ ସମ୍ପର୍କ ରହୁଥିଲା ତଥା ସନ୍ତାନସନ୍ତତି ବି ରହିଥିଲେ ।

ମନୁଷ୍ୟ ସାମାଜିକ ପ୍ରାଣୀ । ସାମାଜିକ ସାହାଯ୍ୟ ଓ ସହଯୋଗ ବିନା ମନୁଷ୍ୟ ବଞ୍ଚିବା ସମ୍ଭବପର ନୁହଁ । ପ୍ରତ୍ୟେକ ମନୁଷ୍ୟକୁ ବାଲ୍ୟକାଳରେ ପରିବାର, ପିତାମାତା କିମ୍ବା ଅଭିଭାବକଙ୍କ ଯତ୍ନ ଓ ଲାଳନପାଳନ ଅପରିହାର୍ଯ୍ୟ ହୋଇଥାଏ । ବୟସ୍କ, ଦୁର୍ବଳ ଓ ଅସହାୟ ଲୋକଙ୍କୁ ବି ସମାଜର ସାହାଯ୍ୟ ଓ ସହଯୋଗ ଅପରିହାର୍ଯ୍ୟ ହୋଇଥାଏ । ସମାଜ ହିଁ ମନୁଷ୍ୟର ସୁରକ୍ଷା କବଚ ଭଳି କାର୍ଯ୍ୟ କରିଥାଏ । ସମାଜର ସୃଷ୍ଟି ଫଳରେ ହିଁ ମନୁଷ୍ୟ ପ୍ରାକୃତିକ ବିପର୍ଯ୍ୟୟ, ହିଂସ୍ର ଓ ବିପଦପୂର୍ଣ୍ଣ ପ୍ରାଣୀ, ଦୁଷ୍ଟ-ଭ୍ରଷ୍ଟ, ଅତ୍ୟାଚାରୀ ଓ କ୍ଷମତାଲୋଭୀ ଲୋକଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିପାରିଛି । ସମାଜର ସାମୂହିକ ଉଦ୍ୟମ ଫଳରେ ମାନବସମାଜ ଆଜି ବିଜ୍ଞାନ, ବୈଷୟିକ ଜ୍ଞାନ, ଉନ୍ନତ ଯାତାୟାତ ଭିତ୍ତିଭୂମି, ଅର୍ଥନୀତି ଇତ୍ୟାଦି ସମସ୍ତ କ୍ଷେତ୍ରରେ ଆଶାତୀତ ଉନ୍ନତି ଓ ପ୍ରଗତି କରିପାରିଛି।

ସମାଜ ଚିରପରିବର୍ତ୍ତନଶୀଳ । ଆବହମାନ କାଳରୁ ସଂସାର ପରିବର୍ତ୍ତିତ ହୋଇଚାଲିଛି । ହଜାର ହଜାର ବର୍ଷ ପୂର୍ବେ ଯାହା ଥିଲା, ଆଜି ଅନେକ କିଛି ନାହିଁ । ଆଜି ଯାହା ଅଛି, ତାହା ବି ଭବିଷ୍ୟତରେ ନଥିବ । ପୂର୍ବରୁ ବି ଭଲ ଓ ମନ୍ଦ ଥିଲା । ସେତେବେଳେ ବି ରାକ୍ଷସ ଓ ମହାପୁରୁଷ ଥିଲେ । ପୂର୍ବକାଳରେ ବି ସ୍ୱାର୍ଥ ଥିଲା, ପାରିବାରିକ କନ୍ଦଳ ଥିଲା ଓ ଯୁଦ୍ଧ ବି ଥିଲା । ସେତେବେଳେ ଦେବପ୍ରତିମ ଲୋକ ଓ ମହାତ୍ମା ବି ଥିଲେ; ସୁଶାସକ ବି ଥିଲେ । ଏବେ ବି ସଂସାରରେ ଭଲ ଓ ମନ୍ଦ ଲୋକ ଅଛନ୍ତି । ବେଦ, ଉପନିଷଦ, ପୁରାଣ, ରାମାୟଣ, ମହାଭାରତ ଭଳି ଉଚ୍ଚକୋଟୀର ଶାସ୍ତ୍ର, ଅନେକ ଦାର୍ଶନିକ ତତ୍ତ୍ୱ ସମ୍ବନ୍ଧିତ ରଚନା, ସୁଶାସନ ଓ ଉତ୍ତମ ଜୀବନଯାପନ ସକାଶେ ଅନେକ ଉତ୍କୃଷ୍ଟ ରଚନା, ଅଗଣିତ ଜ୍ଞାନୀ ଓ ମହାପୁରୁଷଙ୍କ ମହତ ବାର୍ତ୍ତା ଓ ଉପଦେଶ ଥାଇ ବି ଆଜି ସଂସାରରେ ଦୁର୍ନୀତି, ଶୋଷଣ, ହଣାକଟା, ଯୁଦ୍ଧ ଇତ୍ୟାଦି ଘଟିଚାଲିଛି ।

ଏଣୁ ସାମାଜିକ ପରିବର୍ତ୍ତନରେ ଦୁଃଖୀ ନ ହୋଇ ତଥା ତାକୁ ବିରୋଧ ନକରି ଉତ୍ତମ ଓ ଗଠନମୂଳକ ପରିବର୍ତ୍ତନକୁ ଆପଣେଇ ନେବା ହିଁ ବିଜ୍ଞତାର ପରିଚୟ ହୋଇଥାଏ । ସଂସାର ତ ଚିରପରିବର୍ତ୍ତନଶୀଳ । କାହାରି ଅନିଷ୍ଟ ଚିନ୍ତା ନକରି ଏବଂ ଯଥାସମ୍ଭବ କାହାକୁ ଦୁଃଖ ନଦେଇ ନିଜ ଜୀବନପଥରେ ଚାଲିବା ହିଁ ଶ୍ରେୟସ୍କର ଓ ବୁଦ୍ଧିମତ୍ତା ହୋଇଥାଏ । ନିଜେ ଆନନ୍ଦରେ ବଞ୍ଚିବା ସହ ନିଜର କର୍ତ୍ତବ୍ୟ ଓ ସକ୍ଷମତା ଅନୁଯାୟୀ ସମାଜ ପ୍ରତି କିଛି ଗଠନମୂଳକ କାର୍ଯ୍ୟ ସମ୍ପାଦନ କରିବା ତଥା ଅନ୍ୟର ଜୀବନରେ ଆନନ୍ଦ ଭରିଦେବା ହିଁ ଜୀବନର ମୂଳ ତଥା ସର୍ବୋତ୍ତମ ଲକ୍ଷ୍ୟ ହେବା ଉଚିତ ।

+ ଆଇନଜୀବୀ, ଫ୍ଲାଟ ନମ୍ବର - ୩୦୫
ନନ୍ଦିଘୋଷ ଆପାର୍ଟମେଣ୍ଟ, କମାପଲ୍ଲି-
ଗୋଇଲୁଣ୍ଡି ରୋଡ୍
ବ୍ରହ୍ମପୁର - ୭୬୦୦୦୪, ଗଞ୍ଜାମ ଜିଲ୍ଲା
(ଓଡ଼ିଶା)
ମୋ: ୯୪୩୯୯୭୯୯୬୬

# ଅସ୍ତିତ୍ୱବାଦ



ବବିତା ତ୍ରିପାଠୀ

ଅସ୍ତିତ୍ୱବାଦ ହେଉଛି ଏକ ଆଧୁନିକ ଦାର୍ଶନିକ ଓ ସାହିତ୍ୟିକ ଚିନ୍ତାଧାରା, ଯେଉଁଥିରେ ମଣିଷର ବ୍ୟକ୍ତିଗତ ଅସ୍ତିତ୍ୱ, ସ୍ୱାଧୀନତା, ଦାୟିତ୍ୱ, ନିଷ୍ପତ୍ତି ଓ ଜୀବନର ଅର୍ଥ ଖୋଜିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ। ଏହି ଦର୍ଶନ ମତାନୁସାରେ, ମଣିଷ ପ୍ରଥମେ ଏହି ପୃଥିବୀରେ ଜନ୍ମ ନେଇଥାଏ, ତା'ପରେ ନିଜ କର୍ମ, ଚିନ୍ତା ଓ ନିଷ୍ପତ୍ତି ମାଧ୍ୟମରେ ନିଜ ଜୀବନର ପରିଚୟ ଓ ଉଦ୍ଦେଶ୍ୟ ଗଢ଼ିଥାଏ। ଅସ୍ତିତ୍ୱବାଦ ମଣିଷକୁ ନିଜ ଜୀବନର ସୃଷ୍ଟିକର୍ତ୍ତା ବୋଲି ମାନେ।

ଅସ୍ତିତ୍ୱବାଦର ବିକାଶ ଉଣେଇଶ ଶତାବ୍ଦୀ ରୁ ଆରମ୍ଭ ହୋଇ ବିଂଶ ଶତାବ୍ଦୀର ମଧ୍ୟରେ ଲୋକପ୍ରିୟତା ଲାଭକରିଥିଲା। ଯୁଦ୍ଧ, ସାମାଜିକ ଅସ୍ଥିରତା, ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି ଓ ମାନବୀୟ ମୂଲ୍ୟବୋଧର ପରିବର୍ତ୍ତନ ଏହି ଚିନ୍ତାଧାରାର ବିକାଶରେ ସହାୟକ ହୋଇଥିଲା। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜୀବନର ଅର୍ଥ ସମ୍ପର୍କରେ ଲୋକମାନଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିଲା। ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜିବାରେ ଅସ୍ତିତ୍ୱବାଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା।

ଅସ୍ତିତ୍ୱବାଦର ଜନକ ଥିଲେ ।
ସୋରେନ କିର୍କେଗାର୍ଡ –

୧. ଅସ୍ତିତ୍ୱର ମୂଳସ୍ୱଭାବ ହେଲା ମଣିଷ ପ୍ରଥମେ ଜନ୍ମ ନିଏ। ପରେ ନିଜ କାର୍ଯ୍ୟ ଓ ନିଷ୍ପତ୍ତି ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରେ।
୨. ପ୍ରତ୍ୟେକ ମଣିଷ ନିଜ ଜୀବନରେ ସ୍ୱାଧୀନ। ସେ ନିଜ ନିଷ୍ପତ୍ତି ନିଜେ ନେଇପାରେ।
୩. ସ୍ୱାଧୀନତା ସହିତ ଦାୟିତ୍ୱ ମଧ ଆସେ। ନିଜ କାର୍ଯ୍ୟ ପାଇଁ ଅନ୍ୟକୁ ଦୋଷ ଦେଇହେବ ନାହିଁ।
୪. ଜୀବନର କୌଣସି ନିର୍ଦ୍ଧାରିତ ଅର୍ଥ ନାହିଁ। ମଣିଷ ନିଜେ ନିଜ ଜୀବନର ଅର୍ଥ ସୃଷ୍ଟି କରେ।
୫. ନିଷ୍ପତ୍ତି ନେବା ସମୟରେ ମଣିଷ ଭୟ, ଚିନ୍ତା ଓ ଏକାକୀତ୍ୱ ଅନୁଭବ କରେ।
୬. ସମାଜର ଚାପରେ ନୁହେଁ, ନିଜ ବିବେକ ଅନୁସାରେ ବଞ୍ଚିବା ହିଁ ପ୍ରକୃତ ଜୀବନ।
୭. ମୃତ୍ୟୁ ଅନିବାର୍ଯ୍ୟ ବୋଲି ଜାଣିଲେ, ମଣିଷ ଜୀବନକୁ ଅଧିକ ଗୁରୁତ୍ୱ ଦିଏ।
୮. ଅନ୍ୟାୟ ଓ ଉଦ୍ଦେଶ୍ୟହୀନତା ବିରୋଧରେ ସଂଘର୍ଷ କରିବା ମଣିଷର କର୍ତ୍ତବ୍ୟ।
୯. ବ୍ୟକ୍ତିର ଅନୁଭବ, ଚିନ୍ତା ଓ ନିଷ୍ପତ୍ତିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ।
୧୦. ମଣିଷ ନିଜ ବିବେକ ଆଧାରରେ ନୈତିକ ନିଷ୍ପତ୍ତି ନିଏ।

ଅସ୍ତିତ୍ୱବାଦୀ ସାହିତ୍ୟରେ ମଣିଷର ଏକାକୀତ୍ୱ, ନିରାଶା, ସଂଘର୍ଷ, ସ୍ୱାଧୀନତା, ମୃତ୍ୟୁଭୟ ଓ ଜୀବନର ଅର୍ଥ ଖୋଜିବା ପ୍ରମୁଖ ବିଷୟ । ପାତ୍ରମାନେ ସମାଜର ପ୍ରଚଳିତ ନିୟମକୁ ପ୍ରଶ୍ନ କରନ୍ତି ଏବଂ ନିଜ ଅସ୍ତିତ୍ୱର ସନ୍ଧାନ କରନ୍ତି।

ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ ଅସ୍ତିତ୍ୱବାଦର ପ୍ରଭାବ ଦେଖିବାକୁ ମିଳେ। ଅନେକ କବି ଓ କଥାକାର ମଣିଷର ଏକାକୀତ୍ୱ, ମାନସିକ ଦ୍ୱନ୍ଦ୍ୱ, ସାମାଜିକ ସଂକଟ ଓ ଆତ୍ମପରିଚୟର ସମସ୍ୟାକୁ ନିଜ ରଚନାରେ ଚିତ୍ରଣ କରିଛନ୍ତି। ଆଧୁନିକ ଓଡ଼ିଆ କବିତା ଓ ଗଳ୍ପରେ ବ୍ୟକ୍ତିର ଆଭ୍ୟନ୍ତରୀଣ ଜଗତକୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

ଅସ୍ତିତ୍ୱ ବାଦ, ବ୍ୟକ୍ତି ସ୍ୱାଧୀନତାକୁ ସମ୍ମାନ କରେ।
ନିଜ ଜୀବନର ଦାୟିତ୍ୱ ନେବାକୁ ଶିଖାଏ।
ଆତ୍ମବିଶ୍ୱାସ ବୃଦ୍ଧି କରେ।
ଜୀବନର ପ୍ରକୃତ ଅର୍ଥ ଖୋଜିବାରେ ସାହାଯ୍ୟ କରେ।
ସାହିତ୍ୟରେ ମାନବ ମନର ଗଭୀରତାକୁ ପ୍ରକାଶ କରେ।

ଅସ୍ତିତ୍ୱବାଦ କେବଳ ଏକ ଦାର୍ଶନିକ ମତବାଦ ନୁହେଁ, ବରଂ ଏହା ମଣିଷର ଜୀବନ, ସ୍ୱାଧୀନତା, ଦାୟିତ୍ୱ ଓ ଆତ୍ମପରିଚୟ ସମ୍ପର୍କରେ ଏକ ଗଭୀର ଚିନ୍ତନ। ଏହା ମଣିଷକୁ ନିଜ ଜୀବନର ନିଷ୍ପତ୍ତି ନିଜେ ନେବା, ସେହି ନିଷ୍ପତ୍ତିର ଦାୟିତ୍ୱ ଗ୍ରହଣ କରିବା ଏବଂ ଜୀବନର ଅର୍ଥ ନିଜେ ସୃଷ୍ଟି କରିବାର ପ୍ରେରଣା ଦେଇଥାଏ। ଆଧୁନିକ ସାହିତ୍ୟରେ ଅସ୍ତିତ୍ୱବାଦ ମଣିଷର ଅନ୍ତର୍ଜଗତକୁ ବୁଝିବାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ପରିଗଣିତ। ବର୍ତ୍ତମାନ ସମୟରେ ମଧ ଏହାର ପ୍ରାସଙ୍ଗିକତା ଅବିଚ୍ଛିନ୍ନ ରହିଛି, କାରଣ ପ୍ରତ୍ୟେକ ମଣିଷ ନିଜ ଅସ୍ତିତ୍ୱ, ସ୍ୱାଧୀନତା ଓ ଜୀବନର ଅର୍ଥ ସମ୍ପର୍କରେ ପ୍ରଶ୍ନ କରିଥାଏ।

+ ଭୁବନେଶ୍ୱର

# ଲମ୍ବା ନା ଗୋଲ୍ କେଉଁ ଲାଉ ଆପଣଙ୍କ ଶରୀର୍ ପାଇଁ ଲାଭଦାୟକ ଜାଣି ନିଅନ୍ତୁ ଏହି ଛୋଟିଆ ଟିପ୍ସ

ପ୍ରାୟତଃ ବଜାରରେ ଦୁଇ ପ୍ରକାରର ଲାଉ ମିଳିଥାଏ, ଗୋଲ ଏବଂ ଲମ୍ବା । ଲୋକମାନେ ପ୍ରାୟତଃ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି ଯେ ଏଥି ମଧ୍ୟରୁ ସ୍ୱାଦ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ କେଉଁଟା ଅଧିକ ଲାଭଦାୟକ ।



ଗୋଲ ଲାଉ : ଗୋଲ ଲାଉର ସ୍ୱାଦ ହାଲୁକା ମିଠା ଏବଂ ବହୁତ ସ୍ୱାଦିଷ୍ଟ । ଏହା ନରମ ଏବଂ ସ୍ୱାଦ ଯୁକ୍ତ, ଯାହା ଯୋଗୁଁ ଏହା ମଧ୍ୟାହ୍ନ ଭୋଜନ ଏବଂ ରାତ୍ରୀ ଭୋଜନ ପାଇଁ ଏକ ଉତ୍କୃଷ୍ଟ ବିକଳ୍ପ ।

ଲମ୍ବା ଲାଉ : ଲମ୍ବା ଲାଉର ସ୍ୱାଦ ଟିକେ ନରମ ହୋଇପାରେ । ଲମ୍ବା ଲାଉର ଆକାର ବଡ଼ ଏବଂ ଗଠନ ଟିକେ କଠିନ, ଯାହା ଯୋଗୁ ଏହାକୁ ରାନ୍ଧିବାକୁ ଅଧିକ ସମୟ ଲାଗେ । କେତେକ ସମୟରେ ଲମ୍ବା ଲାଉ ହାଇବ୍ରିଡ କିମ୍ବା ଇଞ୍ଜେକ୍ଟେଡ ପ୍ରକାରର ମଧ୍ୟ ହୋଇପାରେ, ଯାହା କେବଳ ଏହାର ସ୍ୱାଦକୁ ପ୍ରଭାବିତ କରେ ନାହିଁ, ବରଂ ଏହାର ପୁଷ୍ଟିକର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ । ତଥାପି, ଲାଉରେ ଅଧିକ ପରିମାଣର ଜଳ ଥାଏ, ତେଣୁ ଅଧିକାଂଶ ଲୋକ ଏହାକୁ ଜୁସ କିମ୍ବା ସୁପ ତିଆରି କରିବା ପାଇଁ ବ୍ୟବହାର କରନ୍ତି । ଏହା ଶରୀରକୁ ସତେଜ କରିଥାଏ ଏବଂ ଶରୀରକୁ ବିଷମୁକ୍ତ କରିବାରେ ମଧ୍ୟ ସାହାଯ୍ୟ କରେ ।

କେଉଁଟି ଲାଭଦାୟକ : ଗୋଲ ଏବଂ ଲମ୍ବା ଲାଉ ଉଭୟ ପୁଷ୍ଟିସାରରେ ଭରପୁର । କିନ୍ତୁ ଯଦି ଆପଣ ସ୍ୱାଦ, ପାଚନ ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦେଖନ୍ତି, ତେବେ ଗୋଲ ଲାଉକୁ ଭଲ ବୋଲି ବିବେଚନା କରାଯାଏ । ପ୍ରଥମତଃ, ଏହା ଶୀଘ୍ର ସିଝିଯାଏ, ଦ୍ୱିତୀୟତଃ ଏହା ସ୍ୱାଦରେ ସାମାନ୍ୟ ମିଠା ଏବଂ ହଜମ କରିବାକୁ ମଧ୍ୟ ସହଜ । ଅନ୍ୟପକ୍ଷରେ, ରସ କିମ୍ବା ସୁପ ପାଇଁ ଲମ୍ବା ଲାଉ ବ୍ୟବହାର କରିବା ଅଧିକ ଲାଭଦାୟକ ହୋଇପାରେ । ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଲାଉ କିଣନ୍ତି, ଆପଣଙ୍କ ଆବଶ୍ୟକତା ଅନୁସାରେ ସଠିକ ଲାଉ ବାଛନ୍ତୁ ।



# ଶ୍ରାବଣ ମାସରେ ଭୁଲ୍‌ରେ ବି ଖାଆନ୍ତୁ ନାହିଁ ଏହି ୪ ଜିନିଷ, ବିଗିଡ଼ି ଯାଇପାରେ ସ୍ୱାସ୍ଥ୍ୟ, ହୋଇପାରେ...



ପବିତ୍ର ଶ୍ରାବଣ ମାସ ଆରମ୍ଭ ହୋଇଛି । ଏହି ମାସର ଆଧ୍ୟାତ୍ମିକ ଏବଂ ଧାର୍ମିକ ମହତ୍ତ୍ୱ ଅଛି, ଏହି ମାସ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । ଏହି ମାସରେ ଆମର ମେଟାବୋଲିଜିମ ଧୀର ରହିଥାଏ । ତେଣୁ କିଛି ଖାଦ୍ୟ ପଦାର୍ଥ ପ୍ରତି ସତର୍କ ରହିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ଆଜି ଆମେ ଆପଣଙ୍କୁ ଏପରି ୪ଟି ଜିନିଷ କହିବାକୁ ଯାଉଛୁ, ଯାହାକୁ ଏହି ମାସରେ ଖାଇବା ଉଚିତ ନୁହେଁ ।

ପତ୍ରଯୁକ୍ତ ପନିପରିବା ଖାଆନ୍ତୁ ନାହିଁ : ପାଳଙ୍ଗ, ମେଥି ଏବଂ ସୋରିଷ ପରି ପତ୍ରଯୁକ୍ତ ପନିପରିବା ସ୍ୱାସ୍ଥ୍ୟକର ହୋଇପାରେ, କିନ୍ତୁ ଶ୍ରାବଣ ମାସରେ ଏଡାଇବା ଉଚିତ । ଶ୍ରାବଣରେ ବର୍ଷାରେ ଏହି ପନିପରିବା ଉପରେ କୀଟପତଙ୍ଗ ହେବା ଆରମ୍ଭ କରନ୍ତି, ଯାହା ପେଟ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ । ଯଦି ଆପଣ ସବୁଜ ପନିପରିବା ଖାଉଛନ୍ତି, ତେବେ ସେଗୁଡ଼ିକୁ ଗରମ ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ ।

କ୍ଷୀରଜାତ ଦ୍ରବ୍ୟ : ଶ୍ରାବଣ ମାସରେ ଭଗବାନ ଶିବଙ୍କୁ କ୍ଷୀର ଅର୍ପଣ କରିବା ଉଚିତ, କିନ୍ତୁ ଏହି କ୍ଷୀର ପିଇବା ଉଚିତ ନୁହେଁ । ଏହି ମାସରେ କ୍ଷୀର ଏବଂ କ୍ଷୀରଜାତ ଦ୍ରବ୍ୟ ଖାଇବା ଦ୍ୱାରା ଆପଣଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚିପାରେ । କାରଣ ଗାଇ ଏବଂ ମଇଁଷି ଯେଉଁ ଚାରା ଖାଆନ୍ତି ସେଥିରେ କିଛି କ୍ଷତିକାରକ କୀଟପତଙ୍ଗ ମଧ୍ୟ ଥାଇପାରେ । ଯାହା ସେମାନଙ୍କ କ୍ଷୀରକୁ ମଧ୍ୟ ପ୍ରଭାବିତ କରିପାରେ । ତେଣୁ, ସେଗୁଡ଼ିକୁ ଖାଇବାରୁ ଦୂରେଇ ରହିବା ଉଚିତ ।

ମାଂସ : ଆପଣ ପ୍ରାୟତଃ ଶୁଣିଥିବେ ଯେ ଶ୍ରାବଣ ମାସ ଆରମ୍ଭ ହେବା ମାତ୍ରେ ମାଂସର ବିକ୍ରୟ ହ୍ରାସ ପାଏ । ଏହାର ଧାର୍ମିକ ଗୁରୁତ୍ୱ ରହିବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ସହିତ ମଧ୍ୟ ଜଡିତ । ଏହି ମାସରେ ଆପଣଙ୍କ ପାଚନ ଶକ୍ତି ଦୁର୍ବଳ ହୋଇଯାଏ, ଯାହା ଯୋଗୁଁ ମାଂସ ହଜମ କରିବା ବହୁତ କଷ୍ଟକର ହୋଇଯାଏ । ତେଣୁ, ମାଂସ ଖାଇବା ଉଚିତ ନୁହେଁ ।

ରାସ୍ତାକଡ଼ରେ ମିଳୁଥିବା ଖାଦ୍ୟ : ଶ୍ରାବଣ ମାସରେ ଖୋଲା ସ୍ଥାନରେ ବାହାରେ ରଖାଯାଇଥିବା ଖାଦ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । କାରଣ ଏହି ଋତୁରେ ବ୍ୟାକ୍ଟେରିଆ ଏବଂ ଭାଇରସ ହେବାର ଆଶଙ୍କା ବହୁତ ବଢ଼ିଯାଏ । ଯାହା ଫଳରେ ଖୋଲା ଖାଦ୍ୟ ଖାଇବା ଦ୍ୱାରା ସଂକ୍ରମଣର ଆଶଙ୍କା ବଢ଼ିଯାଏ ।

# ବ୍ୟାଣ୍ଡେଜ କେବଳ ଖଣ୍ଡିଆରେ ନୁହେଁ, ଜାଣନ୍ତୁ ଏହାର ଆଉ କିଛି ବ୍ୟବହାର, ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ

**ସମସ୍ତଙ୍କ ଘରର ଫାଷ୍ଟଏଡ ବକ୍ସରେ ବ୍ୟାଣ୍ଡେଜ ସବୁବେଳେ ରହିଥାଏ । ଅନେକ ଲୋକ ଏହାକୁ ନିଜ ବ୍ୟାଗରେ ମଧ୍ୟ ରଖନ୍ତି କାରଣ ଆଘାତ ସମୟରେ ଏହାକୁ ଯେକୌଣସି ସମୟରେ ବ୍ୟବହାର କରାଯାଇପାରିବ । ଯଦି ଆପଣ ଭାବୁଛନ୍ତି ଯେ ଏହା କେବଳ ଚିକିତ୍ସା ଉଦ୍ଦେଶ୍ୟରେ ସୀମିତ, ତେବେ ଆପଣ ଭୁଲ । ବ୍ୟାଣ୍ଡେଜ ଅନେକ ପ୍ରକାରେ ବ୍ୟବହାର କରାଯାଇପାରିବ ।**

♦ ନୂଆ ଜୋତା ପିନ୍ଧୁଥିଲେ : ପ୍ରାୟତଃ ଯେତେବେଳେ ଆମେ ନୂତନ ଜୋତା, ସାଣ୍ଡେଲ ବା ଚପଲ ପିନ୍ଧିଥାଉ, ଏହା ଗୋଇଠି କିମ୍ବା ଆଙ୍ଗୁଠିରେ ଘସିହୁଏ, ଯାହା ପାଦରେ କ୍ଷତ ସୃଷ୍ଟି କରେ ଏବଂ ଚାଲିବା କଷ୍ଟକର ହୋଇଥାଏ । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ, ଏକ ବ୍ୟାଣ୍ଡେଜ ବ୍ୟବହାର କରନ୍ତୁ । ଏହାକୁ ଜୋତା ଭିତରେ ଉପର ଅଂଶ କିମ୍ବା ଗୋଇଠି ପାର୍ଶ୍ୱରେ ଲଗାନ୍ତୁ । ଏହା ଚର୍ମକୁ ଘସିବ ନାହିଁ ଏବଂ ଜ୍ୱଳନ ସୃଷ୍ଟି କରିବ ନାହିଁ ।

♦ ବାନ୍ତି ହେଉଥିଲେ : ଯଦି ଆପଣ ବସ କିମ୍ବା ଟ୍ରେନ ଯାତ୍ରା କରିବା ସମୟରେ କିମ୍ବା ପାହାଡ଼ରେ ଚାଲିବା ସମୟରେ ପ୍ରାୟତଃ ବାନ୍ତି କରନ୍ତି, ତେବେ ଏକ ବ୍ୟାଣ୍ଡେଜ ଆପଣଙ୍କ ସମସ୍ୟାର ସମାଧାନ କରିପାରିବ । ବ୍ୟାଣ୍ଡେଜ ଉପରେ ଟିକିଏ ଔଷଧଯୁକ୍ତ ତେଲ ଛିଞ୍ଚି ହାତରେ ଲଗାନ୍ତୁ । ଏହା ଆପଣଙ୍କୁ ବାନ୍ତି ହେବାରୁ ରକ୍ଷା କରିବ । କେବଳ ଏତିକି ନୁହେଁ, ଯଦି ଆପଣଙ୍କ ଗଳାରେ ଯନ୍ତ୍ରଣା ହେଉଛି, ତେବେ ଆପଣଙ୍କ ଗଳାରେ ଔଷଧଯୁକ୍ତ ତେଲ ବୁନ୍ଦା ଲଗାଇ ଏକ ବ୍ୟାଣ୍ଡେଜ ଲଗାଇ ଦିଅନ୍ତୁ ଏବଂ ଯଦି ଆପଣଙ୍କ ନାକ ବନ୍ଦ ଅଛି ତେବେ ଏହାକୁ ଆପଣଙ୍କ ନାକରେ ଲଗାନ୍ତୁ ଦିଅନ୍ତୁ, ଏହା ନିଶ୍ୱାସ ନେବା ସହଜ କରିବ । ହେଲେ ନାକର ଉପରି ଭାଗରେ ଲଗାଇବେ ।

♦ ନୂଆ ଡ୍ରେସ ପିନ୍ଧୁଥିଲେ : ପ୍ରାୟତଃ ଝିଅମାନେ ଫ୍ୟାଶନେବଲ ଦେଖାଯିବା ପାଇଁ ବିଭିନ୍ନ ଡିଜାଇନର ଡ୍ରେସ ପିନ୍ଧନ୍ତି, ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ଏକ ଓପ୍ସ ମୁହୂର୍ତ୍ତର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯଦି ଆପଣଙ୍କ ଭିତର ପୋଷାକର ଷ୍ଟ୍ରିପ୍ସ ଟପ ପିନ୍ଧିବା ସମୟରେ ଦେଖାଯାଏ ତେବେ ବ୍ୟାଣ୍ଡେଜ ସାହାଯ୍ୟରେ ସେଗୁଡ଼ିକୁ ଚର୍ମରେ ଲଗାନ୍ତୁ । ସେଗୁଡ଼ିକ ଉପରକୁ ଦେଖାଯିବ ନାହିଁ । ଏହିପରି ଭାବରେ, ଯଦି ଆପଣ ଏକ ସ୍କର୍ଟ କିମ୍ବା ମିନି ଡ୍ରେସ ପିନ୍ଧୁଛନ୍ତି ଏବଂ ଏହା ବାରମ୍ବାର ଉଡୁଛି ତେବେ ବ୍ୟାଣ୍ଡେଜ ସାହାଯ୍ୟରେ ଏହାକୁ ଜଙ୍ଘରେ ଲଗାନ୍ତୁ । ଡ୍ରେସ ସେଟ ରହିବ ।

♦ ଚାର୍ଜର କେବୁଲ ସୁରକ୍ଷିତ ରହିବ : ଅନେକ ଥର ମୋବାଇଲ କିମ୍ବା ଲାପଟପର ଚାର୍ଜର ବାରମ୍ବାର ବଙ୍କା ହେବା ଯୋଗୁ ଭାଙ୍ଗିବାକୁ ଲାଗେ । ଏହା ଯୋଗୁ ଏହା ଅନେକ ଥର ଭାଙ୍ଗି ମଧ୍ୟଯାଏ । ଏହି ଚାର୍ଜରଗୁଡ଼ିକ ଶେଷରୁ ଶୀଘ୍ର ଭାଙ୍ଗିଯାଏ । ଭାଙ୍ଗିବାରୁ ରୋକିବା ପାଇଁ, ଏହା ଉପରେ ଏକ ଗୋଲ ବ୍ୟାଣ୍ଡେଜ ଲଗାନ୍ତୁ । ଏହାର ତାର ମଜବୁତ ଏବଂ ସୁରକ୍ଷିତ ରହିବ ।

♦ ଓଠ ଫାଟିବ ନାହିଁ : ଯଦି ଆପଣଙ୍କ ଓଠ ପ୍ରାୟତଃ ଫାଟିଯାଏ ଏବଂ ଏଥିପାଇଁ ଆପଣ ଲଜ୍ଜିତ ଅନୁଭବ କରନ୍ତି, ତେବେ ରାତିରେ ବ୍ୟାଣ୍ଡେଜରେ ଭେସଲିନ ଲଗାନ୍ତୁ ଏବଂ ଏହାକୁ ଓଠରେ ଲଗାନ୍ତୁ । ସକାଳେ ଏହି ଟେପ କାଢିଦିଅନ୍ତୁ । ଓଠ ନରମ ହୋଇଯିବ ଏବଂ ଡେଡ ସ୍କିନ ଦୂର ହୋଇଯିବ । କେବଳ ଏତିକି ନୁହେଁ, ଯଦି ଆପଣଙ୍କୁ ଆଖି ମେକଅପ କରିବାକୁ ପଡ଼େ ଏବଂ ଆପଣଙ୍କ ପାଖରେ କୌଣସି ଉପକରଣ ନାହିଁ, ତେବେ ଆପଣ ବ୍ୟାଣ୍ଡେଜ ଷ୍ଟ୍ରିପ ସାହାଯ୍ୟରେ ଆଖିରେ ସହଜରେ ଆଇ ଲାଇନର ଏବଂ ଆଇସାଡୋ ଲଗାଇପାରିବେ ।

♦ ଅଳଙ୍କାର ସେଟ ହେବ : ଅଳଙ୍କାର ସଜାଡ଼ିବା ପାଇଁ ମଧ୍ୟ ବ୍ୟାଣ୍ଡେଜ ବ୍ୟବହାର କରାଯାଇପାରିବ । ଯଦି ହାର ଲମ୍ବା ଏବଂ ଏହାକୁ ବେକରେ ଲାଗିବାକୁ ପଡ଼େ, ତେବେ ଏହାକୁ ଏକ ବ୍ୟାଣ୍ଡେଜ ସାହାଯ୍ୟରେ ସଜାଡ଼ନ୍ତୁ । କେବଳ ଏତିକି ନୁହେଁ, ଯଦି ଅଳଙ୍କାର ଚର୍ମକୁ ଛିଣ୍ଡିଯାଉଛି, ତେବେ ବ୍ୟାଣ୍ଡେଜକୁ କାଟି ଏହାର ଧାରରେ ଲଗାନ୍ତୁ । ଏହା ଏହାକୁ ଛିଣ୍ଡିବାକୁ ଦେବ ନାହିଁ, କିମ୍ବା ଏହା କଟା ସୃଷ୍ଟି କରିବ ନାହିଁ ।





# ବ୍ଲଡ୍ ପ୍ରେସରଠାରୁ ଆରମ୍ଭ କରି ୧୦୦ ରୋଗର ଉପଚାର କରେ ଗୋଟିଏ ଡାଳିମ୍ବ: ଏହି ଉପାୟରେ ଖାଇ ଉଠାନ୍ତୁ ଲାଭ

ଡାଳିମ୍ବ ଏଭଳି ଏକ ଫଳ ଯାହା ବର୍ଷସାରା ମିଳିଥାଏ । ଏହା ଦେଖିବାକୁ ଯେତିକି ସୁନ୍ଦର ସେତିକି ଲାଭଦାୟୀ । ଏଥିରେ ୮୫% ଜଳ, ୧୦% ସର୍କରା ଏବଂ ୫% ଅନ୍ୟ ପୋଷକତତ୍ତ୍ୱ ରହିଥାଏ । ପ୍ରତ୍ୟେହ ଗୋଟିଏ ଡାଳିମ୍ବ ସେବନ କରିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ । ରକ୍ତରେ ଶର୍କରା ନର୍ମାଲ ରହିଥାଏ । କୋଲେଷ୍ଟରଲ ନର୍ମାଲ କରିବାରେ ମଧ୍ୟ ଏହା ବେଶ ଉପଯୋଗୀ ଥାଏ । ହୃଦୟକୁ ମଧ୍ୟ ଏହା ସୁସ୍ଥ ରଖେ । କିଛି ଏହାକୁ ଥଣ୍ଡା ହେବା ଭୟରେ ଖାଇ ନ ଥାନ୍ତି । ତେବେ ଆସନ୍ତୁ ଜାଣିବା ଆପଣ ଡାଳିମ୍ବ କିଭଳି ଉପାୟରେ ସେବନ କରିବେ...



ଡାକ୍ତରଙ୍କ ମତରେ ଯଦି ଆପଣ ଡାଳିମ୍ବକୁ ଫ୍ରିଜରେ ରଖି ଖାଇବେ ତେବେ ଲାଭ ବଦଳରେ କ୍ଷତି ହେବ । ସକାଳ ଜଳଖିଆ ପୂର୍ବରୁ ଏହାକୁ ଗରମ କରି ଖାଆନ୍ତୁ । ଲାଭବାନ ହେବେ । ଏଥିପାଇଁ ଗୋଟିଏ ପାତ୍ରରେ ଜଳ ଫୁଟାଇ ନିଅନ୍ତୁ ଏବଂ ଗ୍ୟାସ୍‌ରୁ ଓହ୍ଲାଇ ଦିଅନ୍ତୁ । ଏବେ ସେହି ଗରମ ପାଣିରେ ଡାଳିମ୍ବ ରଖନ୍ତୁ । ଯେତେବେଳେ ପାଣି ଥଣ୍ଡା ହୋଇଯିବ ଏବଂ ଡାଳିମ୍ବ ଭିତରୁ ସିଝିଯିବ । ତାର ଦାନାଗୁଡ଼ିକୁ ବାହାର କରି ନିଅନ୍ତୁ । ପରେ ଏହାକୁ ସେବନ କରନ୍ତୁ । ଏହାଦ୍ୱାରା ଆପଣଙ୍କ ହୃଦୟ ସହ ଯକୃତ ସୁସ୍ଥ ରହିବ । ମନ ଶାନ୍ତ ସହ ଚିଡଚିଡାପଣ ଦୂର ହୋଇଯିବ । ତେବେ ଗରମ ଦିନରେ ଆପଣ ଡାଳିମ୍ବକୁ ଫ୍ରିଜରେ ନ ରଖି ବାହାରେ ରଖି ଖାଆନ୍ତୁ । ଖାଲି ପେଟରେ ଏହାକୁ ଖାଆନ୍ତୁ । ଲାଭ ମିଳିବ । ଲାଭ : ଡ଼ାଳିମ୍ବରେ ଫାଇବର, ଭିଟାମିନ ସି, ପୋଟାସିୟମ ଭରପୂର ଥାଏ । ଏହାର ନିୟମିତ ସେବନ ଦ୍ୱାରା ବ୍ଲଡ ପେସର ନର୍ମାଲ ରହିଥାଏ । ଏହା ରକ୍ତରେ ଶର୍କରା ସ୍ତରକୁ କଣ୍ଟ୍ରୋଲ କରିଥାଏ । କୋଲେଷ୍ଟରଲ କଣ୍ଟ୍ରୋଲ କରିବା ସହ ହୃଦୟ ସ୍ୱାସ୍ଥ୍ୟକୁ ଭଲ ରଖିଥାଏ । ଭିଟାମିନ ସି ଏବଂ ପୋଲିଫିନୋଲ୍ସ ଭଳି ଆଣ୍ଟିଅକ୍ସିଡାଣ୍ଟ ଏଥିରେ ଭରପୂର ଥାଏ । ଏହା ଭୋକକୁ କଣ୍ଟ୍ରୋଲ କରିଥାଏ । ଏଭଳି ଭାବେ ୧୦୦ ରୋଗରୁ ଏହା ରକ୍ଷା କରିଥାଏ ।

# କ୍ଷତିକାରକ ଧୂମପାନ

ପ୍ରଥମ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତିର ଶରୀରକୁ ଯାଏ । ଦ୍ୱିତୀୟ ପ୍ରକାର ଧୂମ ହେଲା ଯାହା ଧୂମପାୟୀ ବ୍ୟକ୍ତି ବାହାରକୁ ଛାଡ଼ିଥାଏ ଏବଂ ସେ ବ୍ୟବହାର କରୁଥିବା ଜଳନ୍ତା ସିଗାରେଟ୍ କିମ୍ବା ବିଡିର ଅଂଶରୁ ବାହାରୁଥିବା ଧୂଆଁ । ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ । ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ । ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି । ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ । ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ । ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ । ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ । ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ । ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ । ଧୂମପାନ ତ୍ୟାଗର ମାତ୍ର କେଇ ମାସ ମଧ୍ୟରେ ଅନେକ ଉନ୍ନତି ମିଳିଥାଏ । ଏହାଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ । ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ ।



# ପାଳିତ ହେଲା ଓଡିଆ ସାମ୍ବାଦିକତା ଦିବସ

ଭୁବନେଶ୍ୱର, ୪/୦୮-:(ନି.ପ୍ର) ଓଡ଼ିଶା ମିରର୍ ଏବଂ ମୁଁ ଓଡ଼ିଆ ମୋ ଓଡ଼ିଶା ମିଳିତ ଆୟୋଜନରେ ସ୍ଥାନୀୟ ଦୂରସଂଚାର ଭବନ ସମ୍ମିଳନୀ କକ୍ଷରେ ' ଓଡ଼ିଆ ସାମ୍ବାଦିକତା ଦିବସ ସମୋରୋହ ଅନୁଷ୍ଠିତ ହୋଇଯାଇଛି । ଓଡିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ଆଜିର ଦିନରେ ଅଗଷ୍ଟ ୪ରେ ପ୍ରକାଶ ପାଇଥିଲା । ଓଡିଶାର ଭାଷା ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ସହିତ ନଅଙ୍କ ଦୁର୍ଭିକ୍ଷର ଦାରୁଣ ଦୃଶ୍ୟ ସବୁ ଉତ୍କଳ ଦୀପିକା ମାଧ୍ୟମରେ ପ୍ରକାଶ ପାଇଥିଲା । ସେହି ଦିନକୁ ଓଡିଆ ସାମ୍ବାଦିକତା ଦିବସ ଭାବରେ ପାଳନ କରାଯାଇ ଆସୁଅଛି ।
ଆୟୋଜିତ ସଭାରେ ବରେଣ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ତଥା ଟିମ୍ ଗ୍ରୁପ୍ ଅଧକ୍ଷ ଶ୍ରୀଯୁକ୍ତ ନିଶିକାନ୍ତ ମିଶ୍ର, ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଓ ମହର୍ଷି ଡେୟାର ଡେଭିଲ୍ସ ଗ୍ରୁପ୍ ପ୍ରତିଷ୍ଠାତା ଡ. ମିହିର ରଞ୍ଜନ ଶରଣ, ବିଜେବି କଲେଜ ସାମ୍ବାଦିକତା ବିଭାଗୀୟ ମୁଖ୍ୟ ପ୍ରାଧାପିକା ରାଜଲକ୍ଷ୍ମୀ ଦାସ, ବରିଷ୍ଠ ରାଜନେତା , କେନ୍ଦ୍ରାପଡ଼ାଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ତଥା ଜିଲ୍ଲାପରିଷଦ ସଦସ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ପ୍ରସାଦ ରାଉତ, ଏମ ବି ସି ଟିଭି ସହ ସଂପାଦକ ଶ୍ରୀଯୁକ୍ତ ମଳୟ ରଞ୍ଜନ ମହାନ୍ତି, ଉତ୍କଳ ଚାମ୍ବର ଅଫ୍ କମର୍ସ ଇଣ୍ଡଷ୍ଟ୍ରି ସଂପାଦକ ଶ୍ରୀଯୁକ୍ତ ସଞ୍ଜୀବ ମହାପାତ୍ର, ସ୍ତମ୍ଭକାର ଓ ପ୍ରେରଣାଦାୟୀ ବକ୍ତା ତଥା ଅଜୟ ଇନସ୍ୟୁରାନସ ଏକାଡେମୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ' ଉତ୍କଳ ଦୀପିକା ଠାରୁ ଡିଜିଟାଲ ସାମ୍ବାଦିକତା : ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଅଭିମତ ପ୍ରକାଶ କରିଥଲେ । ଓଡ଼ିଶା ମିରର୍ ମୁଖ୍ୟ ସଂପାଦକ ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ଛାତ୍ରଛାତ୍ରୀ, ଯୁବଛାତ୍ର, ବୁଦ୍ଧିଜୀବୀ, କାର୍ଯ୍ୟରତ ସାମ୍ବାଦିକ ମାନେ ଯୋଗଦେଇଥିଲେ । ଏହି ଅବସରରେ ଓଡ଼ିଆ ସାମ୍ବାଦିକତାକୁ ନେଇ ପାଞ୍ଚଜଣ କବି ସେମାନଙ୍କର ସ୍ୱରଚିତ କବିତା ପାଠ କରିଥଲେ, ସମସ୍ତ ଅଧ୍ୟୟନ କରିରତ ଛାତ୍ରଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରଯାଇଥିଲା , କାର୍ଯ୍ୟକ୍ରମର ଶେଷରେ ଓଡ଼ିଶା ମିରର୍ ପରିଚାଳନା ସଂପାଦକ ସୁଧାଂଶୁବାଳା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫକୀର ମୋହନ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଡ. ରାଧାରଞ୍ଜନ ପଟ୍ଟନାୟକ ସାଧାରଣ ସମ୍ପାଦକ ଓ ଚିତ୍ରାରାଣୀ ପାତ୍ର ଉପସଭାପତି ମନୋନୀତ



ବାଲେଶ୍ୱର,୪/୦୮ (ନି.ପ୍ର): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ନୂତନ କର୍ମକ ର୍ତା ମନୋନୀତ ହୋଇଛନ୍ତି । ବିଶିଷ୍ଟ ପ୍ରାବନ୍ଧିକ, ସମାଲୋଚକ ତଥା କବି ଡ. ରାଧାରଞ୍ଜନ ପଟ୍ଟନାୟକ ସାଧାରଣ ସମ୍ପାଦକ ଏବଂ ବିଶିଷ୍ଟ କବି ଶ୍ରୀମତୀ ଚିତ୍ରାରାଣୀ ପାତ୍ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ପୂର୍ବତନ ସମ୍ପାଦକ ଓ ଉପସଭାପତି ଯଥାକ୍ରମେ ଶ୍ରୀ ବିଷ୍ଣୁ ମହାନ୍ତି ଓ ଶ୍ରୀ ରାମ ଚନ୍ଦ୍ର ପ୍ରଧାନ ନିଜ ପଦବୀରୁ ଇସ୍ତଫା ଦେଇଥିବାରୁ ଏହି ଦୁଇଟି ସ୍ଥାନ ଖାଲି ପଡ଼ିଥିଲା । ଏହି ପରିପ୍ରେକ୍ଷୀରେ ଜୁନ ୧୯ ତାରିଖ ସଂସଦର ସଭାପତି ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ ନିର୍ବାଚନ ପର୍ଯ୍ୟନ୍ତ ଉଭୟଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରାଯାଇଛି । ଗତ ଅଗଷ୍ଟ ୨ ତାରିଖ (ରବିବାର) ଦିନ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ନବ ମନୋନୀତ ସାଧାରଣ ସମ୍ପାଦକ ଡ. ରାଧାରଞ୍ଜନ ପଟ୍ଟନାୟକ ଏବଂ ଉପସଭାପତି ଶ୍ରୀମତୀ ଚିତ୍ରାରାଣୀ ପାତ୍ରଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯିବା ସହ ମନୋନୟନ ପତ୍ର ପ୍ରଦାନ କରାଯାଇଥିଲା । ଏହି ସଭାରେ ସାଂସ୍କୃତିକ ସମ୍ପାଦକ ତଥା ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ଉପସଭାପତି ଶ୍ରୀ ଅନୀଲ ପଟ୍ଟନାୟକ, ଅନସୂୟା ନାୟକ, ଦେବାଶିଷ ପାଣି, ଗୌରଙ୍ଗ ପଣ୍ଡା, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ରାମଚନ୍ଦ୍ର ସେଠୀ, ଯଶୋଦା ନନ୍ଦନ ଆଶ, ଶ୍ୟାମ ଜେନା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉଭୟଙ୍କୁ ଶୁଭେଚ୍ଛା ଜଣାଇବା ସହ ସଂସଦର କାର୍ଯ୍ୟକଳାପ ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଡ. ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ କେବଳ ଓଡ଼ିଶାରେ ନୁହେଁ, ବରଂ ତମାମ ଦେଶର ଏକ ସମୃଦ୍ଧ ଓ ବିକାଶଶୀଳ ଅନୁଷ୍ଠାନ । ଏହି ଅନୁଷ୍ଠାନ ହେଉଛି ଆତ୍ମୀୟତା ଓ ସମ୍ପର୍କର ଏକ ଶ୍ରୀକ୍ଷେତ୍ର ।' ନିଜର ସୀମିତ ସମୟ ଅବଧି ମଧ୍ୟରେ ଅତ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି ଡ. ପଟ୍ଟନାୟକ ।

# ମାଲକାନଗିରି ସାଇବର ପୋଲିସଙ୍କୁ ବଡ଼ ସଫଳତା: ଚୋରି ଓ ହଜିଯାଇଥିବା ୩୪ଟି ଫୋନ ଉଦ୍ଧାର

ମାଲକାନଗିରି,୪/୦୮ (ନି.ପ୍ର): ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ୍ ଉଦ୍ଧାର କରିବାରେ ମାଲକାନଗିରି ସାଇବର ପୋଲିସକୁ ମିଳିଛି ବଡ଼ ସଫଳତା । ମାତ୍ର ଏକ ମାସ ମଧ୍ୟରେ ବିଭିନ୍ନ ଅଂଚଳରୁ ହଜିଯାଇଥିବା ଓ ଚୋରି ହୋଇଥିବା ୩୪ଟି ମୋବାଇଲ୍ ଫୋନ୍ ଉଦ୍ଧାର କରିଛି ସାଇବର ପୋଲିସ ।
ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍ ଗୁଡ଼ିକୁ ଏହାର ପ୍ରକୃତ ମାଲିକମାନଙ୍କୁ ଥାନାକୁ ଆଜି ଡାକି ହସ୍ତାନ୍ତର କରାଯାଇଛି । ଦୀର୍ଘଦିନ ପରେ ନିଜ ମୋବାଇଲ୍ ଫେରି ପାଇ ମାଲିକମାନଙ୍କ ମୁହଁରେ ଦେଖିବାକୁ ମିଳିଛି ଖୁସିର ଝଲକ । ସାଇବର ପୋଲିସର ଏହି ସଫଳତା ପଛରେ ରହିଛି ଟେକ୍ନିକାଲ୍ ତଦନ୍ତ ଓ ନିରନ୍ତର ପ୍ରୟାସ । ମୋବାଇଲ୍ ହଜିଗଲେ କିମ୍ବା ଚୋରି ହୋଇଗଲେ ତୁରନ୍ତ ପୋଲିସକୁ ଜଣାଇବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି । ଏହା ସହିତ ସାଇବର ଠକେଇରୁ କିପରି ନିଜକୁ ସୁରକ୍ଷିତ ରଖିବେ, ଅଜଣା ଲିଙ୍କରେ କ୍ଲିକ୍ ନକରିବା, ଓଟିପି, ପାସୱାର୍ଡ ଓ ବ୍ୟାଙ୍କ ସମ୍ବନ୍ଧୀୟ ଗୁପ୍ତ ତଥ୍ୟ କାହା ସହିତ ଶେୟାର ନକରିବା ନେଇ ମଧ୍ୟ ସାଇବର ଆୱାରନେସ୍ ବାର୍ତ୍ତା ଦିଆଯାଇଛି । ମାଲକାନଗିରି ସାଇବର ପୋଲିସର ଏହି ପଦକ୍ଷେପ ନିଶ୍ଚିତ ଭାବେ ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରତି ବିଶ୍ୱାସ ବଢ଼ାଇବା ସହ ସାଇବର ସୁରକ୍ଷା ପ୍ରତି ଲୋକଙ୍କୁ ଅଧିକ ସଚେତନ କରିବ ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ

## ପ୍ରଶାସନ ପକ୍ଷରୁ ଦିନରାତି ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା,୪/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରହିଛି । ୩ ଅଗଷ୍ଟ ୨୦୨୬ ଅପରାହ୍ନ ୪.୦୦ଟା ସୁଦ୍ଧା ପ୍ରକାଶିତ ବନ୍ୟା ପରିସ୍ଥିତି ରିପୋର୍ଟ ଅନୁଯାୟୀ ଜିଲ୍ଲାର ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା ଓ ଡେରାବିଶ ସମେତ ୯ଟି ବ୍ଲକ ବନ୍ୟା ପ୍ରଭାବିତ ହୋଇଛି । ମୋଟ ୮୧ଟି ଗ୍ରାମ ପଂଚାୟତ, ୧୪୧ଟି ଗ୍ରାମ ଏବଂ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ଼ ବନ୍ୟା ପ୍ରଭାବିତ ହୋଇଥିବାବେଳେ ୭୯,୦୬୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ଆଜି ୧,୦୩୮ ଜଣଙ୍କୁ ସୁରକ୍ଷିତ ଭାବେ ରିଲିଫ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ବର୍ତମାନ ସୁଦ୍ଧା ୭ଟି ରିଲିଫ କେନ୍ଦ୍ରରେ ମୋଟ ୨,୧୪୯ ଜଣ ଆଶ୍ରୟ ଗ୍ରହଣ କରିଛନ୍ତି । ଖୋଲାଯାଇଥିବା ୮ଟି ମାଗଣା ରନ୍ଧାଖାଦ୍ୟ(ଫ୍ରି କିଚେନ୍)/ରିଲିଫ କେନ୍ଦ୍ର ମଧ୍ୟରୁ ୪ଟି ଆଜି କାର୍ଯ୍ୟକ୍ଷମ ରହିଥିଲା, ଯେଉଁଥିରେ ୧,୦୩୮ ଜଣ ହିତାଧିକାରୀଙ୍କୁ ରନ୍ଧାଖାଦ୍ୟ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବାଯୋଗାଇ ଦିଆଯାଇଛି । ମୋଟ ୨,୧୪୯ ଜଣ ହିତାଧିକାରୀ ଏହି ସୁବିଧା ପାଇଛନ୍ତି । ବନ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ନିୟମିତ ଭାବେ ରିଲିଫ ସାମଗ୍ରୀ ବଂଟନ କରାଯାଉଛି । ଏପର୍ଯ୍ୟନ୍ତ ୨୭୧.୫୯ କ୍ୱିଂଟାଲ ଚାଉଳ, ୨୬.୮୮ କ୍ୱିଂଟାଲ ଚୁଡ଼ା ଏବଂ ୧୧ କ୍ୱିଂଟାଲ ଗୁଡ଼/ଚିନି ବଂଟନ କରାଯାଇଛି । ଏହାବ୍ୟତୀତ ୧୫୧ କାର୍ଟନ ବିସ୍କୁଟ, ୬.୫ କାର୍ଟନ ମହମବତୀ, ୬ କାର୍ଟୁନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ପ୍ରଭାବିତ ପରିବାରମାନଙ୍କୁ ବଂଟନ କରାଯାଇଛି । ଜିଲ୍ଲାରେ କୌଣସି ଲୋକଙ୍କ ମୃତ୍ୟୁ କିମ୍ବା ପଶୁଙ୍କ ମୃତ୍ୟୁ ହୋଇନାହିଁ । ତେବେ ବନ୍ୟା ଯୋଗୁଁ ୪୭,୬୩୧ଟି ପଶୁ ପ୍ରଭାବିତ ହୋଇଛନ୍ତି, ଯେଉଁଥିରେ ୩୩,୦୧୪ଟି ବଡ଼ ପଶୁ, ୧୪,୪୧୭ଟି ଛୋଟ ପଶୁ ଏବଂ ୨୦୦ଟି କୁକୁଡ଼ା ରହିଛନ୍ତି । ବନ୍ୟାଜଳ କମିବା ପରେ ଫସଲ କ୍ଷୟକ୍ଷତିର ଆକଳନ କରାଯିବ । ଘରବାଡ଼ି, ଭିତିଭୂମି, ବିଦ୍ୟୁତ ସେବା କିମ୍ବା ଗଛ ଉପୁଡ଼ିବା ସମ୍ବନ୍ଧୀୟ କୌଣସି କ୍ଷୟକ୍ଷତିର ଖବର ମିଳିନାହିଁ । ସ୍ୱାସ୍ଥ୍ୟ ଓ ପ୍ରାଣୀ ଚିକିତ୍ସା ସେବାକୁ ସୁଚାରୁ ରଖିବା ପାଇଁ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ଭେଟେରିନାରୀ ଟିମ୍ ବନ୍ୟା ପ୍ରଭାବିତ ଅଂଚଳରେ ନିୟୋଜିତ ରହିଛନ୍ତି । ଉଦ୍ଧାର ଓ ଯାତାୟାତ ସୁବିଧା ପାଇଁ ୨ଟି ଏସ୍.ଆର୍.ସି. ପାୱାର ବୋଟ୍, ୫୧ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି । ବର୍ତମାନ ବନ୍ୟାଜଳରେ ବୁଡ଼ି ରହିଥିବାରୁ ୬୧ଟି ରାସ୍ତାରେ ଯାତାୟାତ ବିଚ୍ଛିନ୍ନ ରହିଛି । ଜଳସ୍ତର ହ୍ରାସ ପାଇବା ପରେ ତୁରନ୍ତ ରାସ୍ତା ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ । ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କ ରହି ବନ୍ୟା ପରିସ୍ଥିତି ଉପରେ ଚବିଶ ଘଂଟା ନଜର ରଖିଛି । ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ରିଲିଫ, ଉଦ୍ଧାର, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା ସୁନିଶ୍ଚିତ କରୁଛନ୍ତି । ଜନସାଧାରଣଙ୍କୁ ସତର୍କ ରହିବା, ପ୍ରଶାସନର ପରାମର୍ଶ ପାଳନ କରିବା ଏବଂ ପ୍ରଶାସନଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଉଛି ।

# ଚମ୍ପୁଆରେ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଚମ୍ପୁଆ,୪/୦୮ (ନି.ପ୍ର): ସ୍ୱାଧୀନତା ଦିବସ ପାଳନ ଅବସରରେ ଚମ୍ପୁଆ ଉପଖଣ୍ଡ ସ୍ତରୀୟ ପ୍ରସ୍ତୁତି ବୈଠକ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ଏହି ବୈଠକରେ ଉପକାରାଗାର ଅଧିକାରୀ ସ୍ମିତାରାଣୀ ଖଟୁଆ, ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ଏସ୍ଡିଏମ୍ଓ ଡା. ବି.କେ. ଦାସ, ସହକାରୀ ଜିଲ୍ଲାପାଳ ଚନ୍ଦନ ମଣ୍ଡଳ, ସୌମେନ୍ଦ୍ର ଦାସ, ଫୁଲରାଇ ବେସରା, ଏବଂ ସବ୍-ଇନ୍ସପେକ୍ଟର ନିରଂଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବଣିକ ସଂଘର ସଭାପତି ସୁବାଷ ରାମ, ବରିଷ୍ଠ ନାଗରିକ ସତ୍ୟବାନ କର, ଉନ୍ନୟନ ବିଭାଗର ଅଧକାରୀ ସ୍ମୃତିରଞ୍ଜନ ବେହେରା, ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଦିବ୍ୟରଞ୍ଜନ ସାହୁ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଏହି ବୈଠକରେ ସ୍ୱାଧୀନତା ଦିବସରେ ପ୍ରଥମେ ସକାଳୁ ରାମଧୁନ ପରିବେଷଣ, ପ୍ୟାରେଡ୍ ପରିଚାଳନା, ଅତିଥିଙ୍କ ପାଇଁ ସାମିଆନା ବ୍ୟବସ୍ଥା, ପଡ଼ିଆ ସାଜସଜ୍ଜା, ପତାକା ଉତୋଳନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ପୁରସ୍କାର ପ୍ରଦାନ ଏବଂ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ସମେତ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ଆୟୋଜନ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ସମସ୍ତ ବିଭାଗକୁ ପରସ୍ପର ସମନ୍ୱୟ ରକ୍ଷା କରି ଦାୟିତ୍ୱ ସହ କାର୍ଯ୍ୟ ସମ୍ପାଦନ କରିବାକୁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ନାୟକ ପରିଚାଳନା କରିଥିଲେ ।

# ମାନେଶ୍ୱର ବ୍ଲକ ପରିସରରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର,୪/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ, ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ ୪୫ ଟି ଆବେଦନ ଗ୍ରହଣ କରା ଯାଇଥିଲା । ଯେଉଁଥିରୁ ୩୭ ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବା ବେଳେ, ୦୭ଟି ସମସ୍ୟା ଗ୍ରାମୀଣ ସମସ୍ୟା ସହିତ ଜଡିତ ଥିଲା ।

# ବେଆଇନ ଭାବେ ଗଚ୍ଛିତ ସ୍କ୍ରାପ୍ଟ ଚୋରା ଚାଲାଣବେଳେ ପୋଲିସର ଚଢ଼ାଉ : ଟ୍ରକ ଜବତ

ଚମ୍ପୁଆ,୪/୦୮ (ନି.ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ମ୍ୟୁନିସିପାଲଟି ଅଂଚଳରେ ଚାଲିଥିବା ବେଆଇନ କବାଡିଖାନା ଏବଂ ଚୋରା ସ୍କ୍ରାପ୍ଟ କାରବାର ଉପରେ ଯୋଡ଼ା ପୋଲିସ ପକ୍ଷରୁ ଏକ ବଡ଼ ଧରଣର ଅତର୍କିତ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ସମୟରେ ବେଆଇନ ସ୍କ୍ରାପ୍ଟ ବୋଝେଇ ଏକ ଟ୍ରକକୁ ଜବତ କରିବାରେ ପୋଲିସ ସଫଳ ହୋଇଛି । ମିଳିଥିବା ସୂଚନା ମୁତାବକ, ଯୋଡ଼ା ସହରର ବିଭିନ୍ନ ସ୍ଥାନରେ କୌଣସି ବୈଧ ଅନୁମତି ପତ୍ର ନଥାଇ ଅନେକ ଗୁଡ଼ିଏ ବେଆଇନ କବାଡିଖାନା ଗଢ଼ି ଉଠିଛି । ଏହି ଖଣି ପ୍ରଧାନ ଅଂଚଳରେ କିଛି କୋମଳମତି ଶିଶୁମାନଙ୍କୁ ବ୍ୟବହାର କରି ବିଭିନ୍ନ କଳକାରଖାନା, ଖଣି ଏବଂ ଲୋକଙ୍କ ଘରୁ ଲୁହା, ପ୍ଲାଷ୍ଟିକ ସମେତ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରାଯାଉଥିଲା । ଶିଶୁମାନେ ଏହି ଚୋରା ମାଲକୁ ଆଣି କବାଡ଼ିଖାନାରେ ବିକ୍ରି କରୁଥିଲେ ଏବଂ ସେହି ଟଙ୍କାରେ ବିଭିନ୍ନ ମାଦକ ଦ୍ରବ୍ୟ ସେବନ କରୁଥିଲେ । ଫଳରେ ଯୋଡ଼ା ଅଂଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଜନସାଧାରଣ ଓ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ପୋଲିସର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇ ଆସୁଥିଲା । ଏହି ଦାବିକୁ ଆଧାର କରି ଆଜି ଯୋଡ଼ା ପୋଲିସ ସହରର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା । ଏହି କ୍ରମରେ ଯୋଡ଼ା ଥାନା ଅନ୍ତର୍ଗତ ଲକ୍ଷ୍ମୀ ପଡ଼ିଆ ନିକଟରେ ଥିବା ଲକ୍ଷ୍ମୀଧର ମହାନ୍ତିଙ୍କ ଗ୍ୟାରେଜ ଓ ବାସଭବନ ଉପରେ ପୋଲିସ ଚଢ଼ାଉ କରିଥିଲା । ସେଠାରେ ଦୀର୍ଘ ଦିନ ହେବ ବେଆଇନ ଭାବେ ବିପୁଳ ପରିମାଣର ଚୋରା ସ୍କ୍ରାପ୍ଟ ଗଚ୍ଛିତ ରଖାଯାଇ ବାହାରକୁ ଚାଲାଣ କରାଯାଉଥିବା ନେଇ ପୋଲିସ ସୂଚନା ପାଇଥିଲା । ଚଢ଼ାଉ ବେଳେ ଚୋରା ସ୍କ୍ରାପ୍ଟ ବୋଝେଇ ହେଉଥିବା ଏକ ଟ୍ରକକୁ ପୋଲିସ ଜବତ କରିଛି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଡ଼ା ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ଜିଲ୍ଲାସ୍ତରୀୟ କମିଟି ବୈଠକ: କୋଲାବିରା ବ୍ଲକ୍ ଫେଡେରେସନ୍‌ର କାର୍ଯ୍ୟ ସମୀକ୍ଷା ଓ ୨୫ଟି ନୂତନ ଇ-ବସ୍ ଚଳାଚଳ ନେଇ ଆଲୋଚନା

ଝାରସୁଗୁଡ଼ା, ୩ ଅଗଷ୍ଟ (ହି.ସ.)- ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଯୋଜନାର ବର୍ତମାନର ସ୍ଥିତି ଏବଂ ବ୍ଲକ୍ ସ୍ତରୀୟ ମହାସଂଘ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି । ବୈଠକରେ ବିଶେଷ ଭାବେ କୋଲାବିରା ବ୍ଲକ୍ ରେ 'ମୁଖ୍ୟମନ୍ତ୍ରୀ ବସ୍ ସେବା' ଯୋଜନାରେ ନିୟୋଜିତ 'ମା' ସମଲେଶ୍ୱରୀ ଫେଡେରେସନ୍' ର କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିଲା । ଏହି ଫେଡେରେସନ୍ ଅଧୀନରେ ନିୟୋଜିତ ମହିଳା କଣ୍ଡକ୍ଟର ମାନଙ୍କ ଦ୍ୱାରା ହେଉଥିବା ରାଜସ୍ୱ ସଂଗ୍ରହ ଦକ୍ଷତା, ସମୟାନୁବର୍ତିତା, ସର୍ତାବଳୀ ପାଳନ ଏବଂ ପରିଚାଳନାଗତ ସମନ୍ୱୟର ସମୀକ୍ଷା କରାଯାଇଛି । ଏହାକୁ ଭିତି କରି ଜିଲ୍ଲାର ଅନ୍ୟାନ୍ୟ ଅତିରିକ୍ତ ବ୍ଲକ୍ ଗୁଡ଼ିକରେ ମଧ୍ୟ ମିଶନ ଶକ୍ତି ଅଧୀନସ୍ଥ ଯୋଗ୍ୟ ବି ଏଲ ଏଫ୍ ମାନଙ୍କୁ ରାଜସ୍ୱ ସଂଗ୍ରହ ଏଜେନ୍ସି ଭାବେ ନିୟୋଜିତ କରିବା ପାଇଁ ଜିଲ୍ଲାପାଳ ଅନୁମୋଦନ ପ୍ରଦାନ କରିଛନ୍ତି । ଏହା ସହିତ କିର୍ମିରା ବ୍ଲକ୍ ରେ ନୂତନ ବସ୍ ରୁଟ୍ ପ୍ରସାରଣ ଏବଂ ଜିଲ୍ଲାରେ ୨୫ଟି ନୂତନ ଇ-ବସ୍ ଚଳାଚଳ ଆରମ୍ଭ କରିବା ନେଇ ଆଲୋଚନା ହୋଇଛି । ସାଧାରଣ ଯାତ୍ରୀ ଏବଂ ବିମାନ ଯାତ୍ରୀଙ୍କ ଗମନାଗମନ ସୁବିଧା ପାଇଁ ୩ଟି ନୂଆ ବସ୍ ସମ୍ବଲପୁରରୁ ବିମାନବନ୍ଦର ଛକ ଏବଂ ଝାରସୁଗୁଡ଼ା ରେଳଷ୍ଟେସନରୁ ବିମାନବନ୍ଦର ମଧ୍ୟରେ ନିୟମିତ ଚାଲିବ । ଅନ୍ୟପଟେ ଝାରସୁଗୁଡ଼ା ବସ୍ ଷ୍ଟାଣ୍ଡର ସ୍ୱଚ୍ଛତା, ରକ୍ଷଣାବେକ୍ଷଣ ସମସ୍ୟା ଉପରେ ଜିଲ୍ଲାପାଳ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହ ସମ୍ପୃକ୍ତ କର୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଉକ୍ତ ବୈଠକରେ ଆଂଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଡିଏସପି ମେନକା ରାଉତ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୃଷ୍ଣକେଶୀ ବଳିଆରସିଂହ, ଓ ଏସ ଆର ଟି ସି ମ୍ୟାନେଜର (ଝାରସୁଗୁଡ଼ା) ରାଜେଶ ବିଶ୍ୱାଳ, ପରିବହନ ବିଭାଗ ଓ ଓ ଏସ ଆର ଟି ସି ର ଅନ୍ୟାନ୍ୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ ।

# ଟିଚ୍ କନ୍ଧମାଳ କାର୍ଯ୍ୟକ୍ରମ: ଜିଲ୍ଲାର ବରିଷ୍ଠ ଅଧିକାରୀମାନେ କଲେ ବିଭିନ୍ନ ବିଦ୍ୟାଳୟକୁ ଗସ୍ତ

କନ୍ଧମାଳ, ୦୩ ଅଗଷ୍ଟ(ହି.ସ.) – କନ୍ଧମାଳ ଜିଲ୍ଲା ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ମାନ ବୃଦ୍ଧି କରିବା ଲକ୍ଷ୍ୟରେ, କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ଦ୍ୱାରା ପରିଚାଳିତ ଆରମ୍ଭ ହୋଇଥିବା ଯୋଜନା "ଟିଚ୍ କନ୍ଧମାଳ" କାର୍ଯ୍ୟକ୍ରମ ଅଧିନରେ ଜୁଲାଇ ୨୭, ୨୦୨୬ ରିଖରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଖଜୁରୀପଡ଼ା ବ୍ଲକର ବିଭିନ୍ନ ଗ୍ରାମ ଓ ପଂଚାୟତରେ ଥିବା ୧୯ଟି ବିଦ୍ୟାଳୟକୁ ଗସ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଜି ଜିଲ୍ଲାପାଳ ଟିଟ୍ରାପାଙ୍ଗା ପଂଚାୟତର କଲାଡ଼ି ସ୍ଥିତ ଏମ୍.ବି.ଡ଼ି. ହାଇସ୍କୁଲ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ରମେନ୍ଦ୍ର ପ୍ରସାଦ ଦୁତିମେଣ୍ଡି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡି.ଏଫ୍.ଓ. ଖଜୁରୀପଡ଼ା ସ୍ଥିତ କଳିଙ୍ଗ ୭ ମଡେଲ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ଦିବସ ପାଳିତ

ଜୟପୁର,୪/୦୮ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରର ସ୍ନାତକୋତର ବାଣିଜ୍ୟ ବିଭାଗ ପକ୍ଷରୁ ବାଣିଜ୍ୟ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିବା ବେଳେ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ଼ଃ. ଦେବଦତ ଇନ୍ଦୋରିଆ ସଭାପତିତ୍ୱ କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାଣିଜ୍ୟ ଶିକ୍ଷାର ଗୁରୁତ୍ୱ, ନବସୃଜନ, ଦକ୍ଷତା ବିକାଶ ଓ ନୈତିକ ବ୍ୟବସାୟିକ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କର ପ୍ରେରଣାଦାୟକ ଅଭିଭାଷଣ ଛାତ୍ରଛାତ୍ରୀଙ୍କୁ ନିଜ ଶିକ୍ଷା ଓ କ୍ୟାରିୟରରେ ଉତ୍କର୍ଷ ହାସଲ କରିବା ପାଇଁ ପ୍ରେରିତ କରିଥିଲା ।ଏହି ଅବସରରେ ସଚିନ କୁମାର ନାୟକ, ସହକାରୀ ଅଧ୍ୟାପକ, ବାଣିଜ୍ୟ ବିଭାଗ ନିଜ ବକ୍ତବ୍ୟରେ କହିଥିଲେ ଯେ, "ଆଜିର ଦ୍ରୁତ ପରିବର୍ତନଶୀଳ ବିଶ୍ୱ ଅର୍ଥନୀତିରେ ବାଣିଜ୍ୟ କ୍ଷେତ୍ର ସ୍ଥାୟୀ ଅଭିବୃଦ୍ଧି, ଉଦ୍ୟୋଗୀକରଣ, ନବସୃଜନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ବାଣିଜ୍ୟ ଦିବସ ପାଳନ ଦକ୍ଷ ପେଶାଦାର, ଦାୟିତ୍ୱବାନ ଉଦ୍ୟୋଗୀ, ନୈତିକ ବ୍ୟବସାୟିକ ନେତୃତ୍ୱ ଏବଂ ସଚେତନ ନାଗରିକ ଗଠନରେ ବାଣିଜ୍ୟ ଶିକ୍ଷାର ଗୁରୁତ୍ୱକୁ ସ୍ୱୀକୃତି ଦେବାର ଏକ ସୁଯୋଗ । ଏହା ଛାତ୍ରଛାତ୍ରୀଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ, ଚିନ୍ତାଧାରାର ଆଦାନ-ପ୍ରଦାନ ଏବଂ ବ୍ୟବସାୟ, ଅର୍ଥନୀତି, ହିସାବ ବିଜ୍ଞାନ, ବିପଣନ, କର ବ୍ୟବସ୍ଥା ଓ ଡିଜିଟାଲ ବାଣିଜ୍ୟ କ୍ଷେତ୍ରର ନୂତନ ଧାରା ସମ୍ପର୍କରେ ଅବଗତ ହେବାର ସୁଯୋଗ ପ୍ରଦାନ କରେ ।" କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ, ଶ୍ରୀମତୀ ଜି. ମୌନିକା, ଡ଼ଃ. ମର୍ସି ମୌସୁମୀ ଟାକ୍ରୀ ଏବଂ ଶ୍ରୀମତୀ ସୋନାଲି ଭୋଇ ମଧ୍ୟ ଉପସ୍ଥିତ ଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଗବେଷଣା ଓ ବୃତିଗତ ବିକାଶ ଦିଗରେ ଆଗେଇ ଯିବା ପାଇଁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟର ଜାତୀୟ ଉନ୍ନତି, ଉଦ୍ୟୋଗୀକରଣ ଓ ଆର୍ଥିକ ବିକାଶରେ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ବିଭିନ୍ନ ସମସାମୟିକ ବାଣିଜ୍ୟିକ ବିଷୟ ଉପରେ ନିଜର ମତାମତ ପ୍ରକାଶ କରିଥିଲେ । ଶେଷରେ ଶ୍ରୀମତୀ ସୋନାଲି ଭୋଇ ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଧ୍ୟାପକ, ଛାତ୍ରଛାତ୍ରୀ ଓ କାର୍ଯ୍ୟକ୍ରମକୁ ସଫଳ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାପରେ ସଭାର ସମାପ୍ତି ଘୋଷଣା କରାଯାଇଥିଲା । ଏହି ବାଣିଜ୍ୟ ଦିବସ ପାଳନ ବିଭାଗର ଶିକ୍ଷାଗତ ଉତ୍କର୍ଷତା, ନବସୃଜନ ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ପ୍ରତି ଥିବା ଅଙ୍ଗୀକାରକୁ ପୁନର୍ବାର ପ୍ରତିପାଦିତ କରିଥିଲା ।

# କେନ୍ଦୁଝରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କେନ୍ଦୁଝର,୪/୦୮ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ଆଜିର ଏହି ଶିବିରରେ ମୋଟ ୧୯୬ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି । ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୬୪ ଟି, ସାମୁହିକ ଅଭିଯୋଗ ୩୨ଟି, ରେଡ଼କ୍ରସ ସହାୟତା ପାଇଁ ୦୧ଟି ଆବେଦନ ଗ୍ରହଣ କରାଯାଇଛି । ୬୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣୀ ଶିବିରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ(ସାଧାରଣ), ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଅଗଷ୍ଟ ମାସର ପରବର୍ତୀ ଅଭିଯୋଗ ଶୁଣାଣୀଗୁଡ଼ିକ ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟରେ ନିମ୍ନମତେ ଅନୁଷ୍ଠିତ ହେବ:୧୦ ଅଗଷ୍ଟ ୨୦୨୬(ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର ୧୭ ଅଗଷ୍ଟ ୨୦୨୬(ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଯୋଡ଼ା ୨୪ ଅଗଷ୍ଟ ୨୦୨୬(ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଆନନ୍ଦପୁର ୩୧ ଅଗଷ୍ଟ ୨୦୨୬(ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ତେଲକୋଇ ।

# ଗାନ୍ଧୀ ଶାନ୍ତି ନିବାସ କଲୋନୀର ଅଭାବୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ




ଭୁବନେଶ୍ୱର, ୦୪/ ୮(ନି.ପ୍ର) ଝାଁଳା ସ୍ଥିତ ଗାନ୍ଧୀ ଶାନ୍ତି ନିବାସ କଲୋନୀରେ 'କଳାଶ୍ରମ ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ଏକ ମହତ୍ ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲୋନୀରେ ରହୁଥିବା ଅଭାବୀ ଓ ଆବଶ୍ୟକତା ଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ବଣ୍ଟନ କରା ଯାଇଥିଲା । ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ ବ୍ୟାଗ୍, ଖାତା, ଜ୍ୟାମିତି ବାକ୍ସ, କଲମ, ପେନ୍ସିଲ୍, ରଙ୍ଗବାକ୍ସ ଓ ଡ୍ରଇଁ ଖାତା ଇତ୍ୟାଦି ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ପାଠ୍ୟ ସାମଗ୍ରୀ ପାଇବା ପରେ କୋମଳମତି ଶିଶୁମାନଙ୍କ ମୁହଁରେ ଅପୂର୍ବ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଥିଲା । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ସୂଚାରୁରୂପେ ଆୟୋଜିତ ହୋଇଥିଲା । ଏଥିରେ ଟ୍ରଷ୍ଟର ପ୍ରତିଷ୍ଠାତା ସୁବଳ ମହାରଣା ଉପସ୍ଥିତ ରହି ଶିଶୁମାନଙ୍କୁ ପାଠପଢ଼ାରେ ମନୋନିବେଶ କରିବାକୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିମଳ ରଞ୍ଜନ ଦାଶ, ସ୍ୱାଧୀନ ମହାରଣା, ଟ୍ରଷ୍ଟର ସମ୍ପାଦିକା ସରିତା ମହାରଣା, ଶିକ୍ଷକ ପ୍ରଭୁଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାସହ ସ୍କାଉଟ ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ, ସ୍ଥାନୀୟ ଯୁବକ ପ୍ରଦୀପ ନାୟକ କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଅଭାବୀ ଶିଶୁଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବା ପାଇଁ ଟ୍ରଷ୍ଟର ଏହି ସେବା ମନୋଭାବକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ମଧ୍ୟ ଏପରି ଶିକ୍ଷା ଓ ସେବାମୂଳକ କାର୍ଯ୍ୟ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ୍ରାଫର ହେବ ନବକଳେବର...

ଏଥିରେ ୮୫୨ ଜଣ ପୁରୁଷ ଏବଂ ୫୪୧ ଜଣ ମହିଳାଙ୍କୁ ଓଡ୍ରାଫ୍ ଦ୍ୱାରା ସୁରକ୍ଷିତ ଉଦ୍ଧାର କରାଯାଇଛି । ପ୍ରାୟ ୫୯ଟି ଓଡ୍ରାଫ୍ ଟିମରେ ୬୭୪ ଜଣ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ହୋଇ ଦିନ ରାତି ଏକ କରି ସମର୍ପିତ ହୋଇ ଜନସାଧାରଣଙ୍କୁ ସେବା ଏବଂ ସହାୟତା ଯୋଗାଇ ଦେଇଛନ୍ତି । ୧୯ଜଣ ଗର୍ଭବତୀ ମହିଳାଙ୍କୁ ଉଦ୍ଧାର କରାଯିବା ସହ ୬ଜଣ ସାପ କାମୁଡ଼ିଥିବା ରୋଗୀଙ୍କୁ ଉଚିତ୍ ସମୟରେ ଉଦ୍ଧାର କରାଯାଇଛି । ସେହିପରି ଜରୁରୀକାଳୀନ ଡାକ୍ତରୀ ସେବା ନିମନ୍ତେ ୨୫ଟି ଉଦ୍ଧାର କାର୍ଯ୍ୟ କରାଯାଇଥିବା ବେଳେ ୨୧୩ ପଶୁସମ୍ପଦଙ୍କୁ ମଧ୍ୟ ଓଡ୍ରାଫ୍ ଟିମ୍ ଉଦ୍ଧାର କରିଛନ୍ତି । ଏଥିସହିତ ପ୍ରଭାବିତ ଅଞ୍ଚଳରେ ଟଳିପଡ଼ିଥିବା ୧୮ଟି ବିଶାଳ ଗଛକୁ କାଟି ଯାତାୟତ ପଥ ସୁଗମ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛନ୍ତି । ଓଡ୍ରାଫ୍ ଦ୍ୱାରା ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଦତ୍ତ ବ୍ୟାପକ ସେବା କାର୍ଯ୍ୟର ସମୀକ୍ଷା କରି ମାନ୍ୟବର ମନ୍ତ୍ରୀ ଉଦ୍ଧାରକାରୀ ଦଳର ପ୍ରଶଂସା କରିବା ସହ ଏପରି ପ୍ରତିକୂଳ ପରିସ୍ଥିତିରେ ଓଡ୍ରାଫ୍ ଟିମର ସାହସିକତା ଏବଂ ସମର୍ପିତ ମନୋଭାବ ଆମକୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆହୁରି ସଶକ୍ତ କରିବା ସହ ଆତ୍ମବିଶ୍ୱାସ ଯୋଗାଇଛି ବୋଲି ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ କ୍ଷ ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

### ବିମାନରେ ନୁହେଁ, ସ୍ୱତନ୍ତ୍ର ଟ୍ରେନ୍‌ରେ...

ଏହାପରେ ନେଇଥିଲେ ବାବା ନୀଳକଣ୍ଠେଶ୍ୱରଙ୍କ ଆଶିଷ । ପୂର୍ବରୁ ଏକ ମାନସିକ ରହିଥିବାରୁ ରାଷ୍ଟ୍ରପତି ସେଠାକୁ ଗସ୍ତ କରିଥିଲେ ବୋଲି କହିଛନ୍ତି ମନ୍ଦିରର ପୂଜକ । ଫେରିବା ବାଟରେ ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ହାତରୁ ଗୋଲାପ ଗୁଚ୍ଛ ନେବା ସହ ସେମାନଙ୍କ ଗହଣରେ ବିତାଇଥିଲେ କିଛି ମୁହୂର୍ତ୍ତ । ଏହି ଗସ୍ତରେ ସାମିଲ ହୋଇଥିଲେ ରାଜ୍ୟପାଳ ହରିବାବୁ କୁମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରମୁଖ । ତପ୍ତପାଣିରୁ ଫେରି ଗୋଲାବନ୍ଧ ଆର୍ମି ଏଡି କଲେଜରେ ରାତ୍ରିଯାପନ କରିଛନ୍ତି ରାଷ୍ଟ୍ରପତି । ଆସନ୍ତାକାଲି ପୁଣି ବ୍ରହ୍ମପୁରରୁ ଟ୍ରେନ ଯୋଗେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି ।

# କଷାଫଳ ଖିରେଶ୍ୱରଙ୍କ ପୀଠରେ କାଉଡ଼ିଆଙ୍କର ଭିଡ଼



ସିଂଲା, ୩/୮(ନିପ୍ର)ସିଂଲାଥାନା ଅନ୍ତର୍ଗତ କଷାଫଳ ପଞ୍ଚାୟତର ବାବ ଖିରେଶ୍ୱର ମନ୍ଦିରରେ ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ କାଉଡ଼ିଆଙ୍କ ନାହିଁ ନଥିବା ଭିଡ଼ ଲାଗିଥିଲା। କଷାଫଳ ପଞ୍ଚାୟତ ସମେତ ଏହାର ଆଖପାଖ ଅଞ୍ଚଳ ରୁ ଶତାଧିକ ମହିଳା ଓ ପୁରୁଷ ମାନେ ଜଳାଭିଷେକ ପାଇଁ କାଉଡ଼ିଆ ମାନେ ଡୁବୁଡୁବି ନଦୀର ଆଳୁମେଦା ଫେରି ଘାଟ ରୁ ସକାଳୁ ପୂଜାର୍ଚ୍ଚନା କରି କଳସ ମୁଣ୍ଡି ବିରାଟ ଶୋଭାଯାତ୍ରାରେ ଆସି ଖିରେଶ୍ୱର ଙ୍କ ଠାରେ ଜଳ ଢାଳିଥିଲେ। ଜଳ ଢାଳିବାକୁ ଆସିଥିବା ହଜାର ହଜାର ଭକ୍ତ। ଆନନ୍ଦ ବଜାର ରେ ପ୍ରସାଦ ସେବନ ପାଇଁ ଭିଡ଼ ଲାଗିଥିଲା ।ସମାଜସେବୀ ମୁକୁନ୍ଦ ଆଦେକ୍, ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୁଷ୍ଟି, ଶ୍ରୀପତି ଗିରି, ଅରୁଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ଚନ୍ଦନ କୁମାର ପାତ୍ର, ହରେକୃଷ୍ଣ ଖଣ୍ଡା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସନ୍ତୁଳିତ ଓ ସର୍ବାଙ୍ଗୀନ ସହର ବିକାଶ ପାଇଁ ସରକାର ପ୍ରତିବଦ୍ଧ: ମନ୍ତ୍ରୀ ଡ଼ କୃଷ୍ଣଚନ୍ଦ୍ର ମହାପାତ୍ର



ବାରିପଦା, ୦୪/୦୮: (ନି.ପ୍ର) ବାରିପଦା ସହରର ଭିତ୍ତିଭୂମି ବିକାଶକୁ ଆହୁରି ସୁଦୃଢ଼ କରିବା ଦିଗରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର ୯୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଦୁଇଟି ଜନହିତକାରୀ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି । 'ଉନ୍ନତି ଯୋଜନା' ଅନ୍ତର୍ଗତ ଜନସାଧାରଣଙ୍କ ଦୀର୍ଘଦିନର ଦାବି ଓ ଅଭିଯୋଗର ସମାଧାନ ପାଇଁ ଏହି ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରାଯାଇଛି ।ଏହି ଅବସରରେ ମନ୍ତ୍ରୀ ବାରିପଦା ପୌରପାଳିକାର ୩ ନମ୍ବର ୱାର୍ଡ ଅନ୍ତର୍ଗତ ବାଘଡ଼ା ରୋଡ଼ଠାରୁ ଶନିମନ୍ଦିର ପର୍ଯ୍ୟନ୍ତ ନିର୍ମିତ ରାସ୍ତା ଏବଂ ଶୁକଯୋଡ଼ା ନାଳ ଉପରେ ନିର୍ମିତ ପୋଲର ଆନୁଷ୍ଠାନିକ ଲୋକାର୍ପଣ କରିଥିଲେ। ପ୍ରାୟ ୪୮ ଲକ୍ଷ ୨୬ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ସହ ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ କରିବ ।ସେହିପରି, ବାରିପଦା ପୌରପାଳିକାର ୨୫ ଓ ୨୮ ନମ୍ବର ୱାର୍ଡବାସୀଙ୍କ ପ୍ରାୟ ୪୦ ବର୍ଷର ଦୀର୍ଘଦିନର ଦାବି ପୂରଣ ଦିଗରେ ପାଲବଣୀ ୧୮ ନମ୍ବର ଜାତୀୟ ରାଜପଥଠାରୁ ନିକୋ ଅଫିସର ପଛପଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୪୮ ଲକ୍ଷ ୧୫ ହଜାର ଟଙ୍କା ବ୍ୟୟରେ ଶିଳାନ୍ୟାସ କରାଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଉକ୍ତ ଅଞ୍ଚଳର ଯାତାୟାତ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆସିବା ସହ ସ୍ଥାନୀୟ ବାସିନ୍ଦାମାନେ ଉପକୃତ ହେବେ । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ଉନ୍ନତ ନାଗରିକ ସେବା ଯୋଗାଇବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି 'ଉନ୍ନତି ଯୋଜନା' ମାଧ୍ୟମରେ ଦୀର୍ଘଦିନର ଅମୀମାଂସିତ ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ କରାଯାଉଛି । ବାରିପଦା ସହରର ସନ୍ତୁଳିତ ଓ ସର୍ବାଙ୍ଗୀନ ବିକାଶ ପାଇଁ ଆଗାମୀ ଦିନରେ ମଧ୍ୟ ଅଧିକ ଜନକଲ୍ୟାଣମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଉପାଧ୍ୟକ୍ଷ ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସମେତ ସ୍ଥାନୀୟ ଜନପ୍ରତିନିଧି, ପୌରପାଳିକା ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

# ନିରନ୍ତର ପ୍ରୟାସ ଦ୍ୱାରା ପ୍ରତିଭାର ବିକାଶ ହୋଇଥାଏ : ପିଏମ ମୋଦି



ନୂଆଦିଲ୍ଲୀ, ୦୪/୦୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସକାଳେ ଏକ ଏକ୍ସ ପୋଷ୍ଟରେ ଏକ ବାର୍ତ୍ତା ସେୟାର କରିଛନ୍ତି। ଏହି ମହାନ କାର୍ଯ୍ୟରେ ନିରନ୍ତର ପ୍ରୟାସ ଏବଂ ସମର୍ପଣ ସହିତ ପ୍ରତିଭାକୁ ଆହୁରି ଉନ୍ନତ କରିବାର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଏକ ସଂସ୍କୃତ ଶ୍ଲୋକ ସେୟାର କରିଛନ୍ତି, 'ଜ୍ଞାନେନ ପରି କୌଣସି ପବିତ୍ର ମେହ ନାହିଁ। ତତସ୍ୱୟମ୍ ଯୋଗାସନସିଦ୍ଧଃ କାଲେନାତମର ବିନ୍ଦୁତି। ଏହାର ଅର୍ଥ ହେଉଛି ଯେ ଏହି ଦୁନିଆରେ ଜ୍ଞାନ ଭଳି ପବିତ୍ର କରିବା ଭଳି କିଛି ନାହିଁ। ଯେଉଁ ସାଧକଙ୍କ ବିବେକ କର୍ମଯୋଗ କିମ୍ବା ସାଧନା ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଶୁଦ୍ଧ ହୋଇଛି, ସମୟ ଆସିଲେ, ସେ ସ୍ୱୟଂକ୍ରିୟ ଭାବେ ନିଜ ଭିତରେ ଥିବା ସର୍ବୋଚ୍ଚ ଜ୍ଞାନକୁ ଅନୁଭବ କରିଥାଏ । ସେ କହିଥିଲେ ଯେ ନିରନ୍ତର ପ୍ରୟାସ ଏବଂ ଅଧ୍ୟବସାୟ ଦ୍ୱାରା ପ୍ରତିଭା ବିକଶିତ ହୋଇଥାଏ। ଆଜି, ଆମର ଯୁବକମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରୁଛନ୍ତି ଏବଂ ସାରା ବିଶ୍ୱରେ ଦେଶକୁ ଗୌରବ ପ୍ରଦାନ କରୁଛନ୍ତି। ଜ୍ଞାନଠାରୁ ପବିତ୍ର ଆଉ କିଛି ନାହିଁ। ଆତ୍ମ-ସାଧନା ଅଭ୍ୟାସ କରୁଥିବା ଯୋଗୀ ସମୟ ସହିତ ଏହାକୁ ନିଜ ଭିତରେ ଆବିଷ୍କାର କରନ୍ତି ।

# ରକ୍ତ ଅଭାବ ଦୂର ପାଇଁ ରକ୍ତଦାନ ଶିବିର ଆୟୋଜନ କଲେ ଯୁବନେତା




ବାଲେଶ୍ୱର, ୦୪/୦୬ : (ନି.ପ୍ର) ପ୍ରବଳ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରକ୍ତ ଭଣ୍ଡାରରେ ଦେଖାଦେଇଥିବା ରକ୍ତ ଅଭାବ ଦୂର କରିବା ଉଦ୍ଦେଶ୍ୟରେ ଏବଂ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମଦିନ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଯୁବ ନେତା ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ପରିସରରେ ଆୟୋଜିତ ଏହି ଶିବିରକୁ ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଉଦ୍ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରୁ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବନ୍ୟା ସମୟରେ ରକ୍ତର ଚାହିଦା ପୂରଣ ଦିଗରେ ଏହି ପଦକ୍ଷେପ ଉଲ୍ଲେଖନୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆଲୋକ ସାହୁ, ଗଣେଶ ମହାପାତ୍ର, ସୂର୍ଯ୍ୟକାନ୍ତ କର, ଭାଗବତ ସାହୁ,ଅଜୟ ସାମଲ, ସାହିରୁଲ ହକ, ଶାନ୍ତନୁ ଦାସ, ଶକ୍ତିପଦ ରାୟ, ଅସିତ ଦାସ, ବିକାଶ ପାଢ଼ୀ, ଆଶ୍ରିତା ତରେଇ, ହେମନ୍ତ ମହାନ୍ତି, ସୌଭାଗ୍ୟ ମାନସ ନାୟକ, ଉମେଶ ବେହେରା, ଶ୍ରୀମନ୍ତ ମାଝୀ, ଦିଲଦାର ହୁସେନ ଓ ପ୍ରାଣକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପରିଚାଳନାରେ ସୁଶୀଲ ପଣ୍ଡା, ଭବାନୀ ମହାନ୍ତି, ପ୍ରିୟଦର୍ଶନ କବି, କିରଣ ନାଥ, ଜୀବନ ସଂଗ୍ରାମ ମିଶ୍ର, ରାହୁଲ ନାୟକ, ଗଜେନ୍ଦ୍ର ନାୟକ, ନରୋତ୍ତମ ଦାସ, ଅରୁଣ କୁମାର ଦାସ ଏବଂ ଜଗନ୍ନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ପୁଂଛ ଜିଲ୍ଲାର ସୁରନକୋଟରେ ସନ୍ଦିଗ୍ଧ ଦୃଶ୍ୟ ହେବା ପରେ ସୁରକ୍ଷା ବାହିନୀର ସର୍ଚ୍ଚ ଅପରେସନ

ପୁଂଛ, ୦୪/୦୮- ପୁଂଛ୍ ଜିଲ୍ଲାର ସୁରନକୋଟ ଥାନା ଅନ୍ତର୍ଗତ ଧାରା ସାଙ୍ଗଲା ଗ୍ରାମରେ ସନ୍ଦିଗ୍ଧ ଗତିବିଧି ବିଷୟରେ ସୂଚନା ପାଇବା ପରେ ମଙ୍ଗଳବାର ଦିନ ସ୍ପେଶାଲ ଅପରେସନ ଗ୍ରୁପ୍ (ଏସଓଜି) ସୁରନକୋଟ ଏବଂ ୧୬ ରାଷ୍ଟ୍ରୀୟ ରାଇଫଲ୍ସ (ଆରଆର) ଦ୍ୱାରା ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା।
ସରକାରୀ ସୂତ୍ର ଅନୁଯାୟୀ, ସନ୍ଦିଗ୍ଧ ଲୋକ ଦୃଶ୍ୟମାନ ହେବା ନେଇ ୨ଟି ପୃଥକ୍ ପୃଥକ୍ ଘଟଣା ସାମ୍ନାକୁ ଆସିଥିଲା । ପ୍ରଥମ ଘଟଣାରେ ଗୁଜ୍ଜର ନାର ନିକଟରେ ୩ ଜଣ ସନ୍ଦିଗ୍ଧ ଲୋକଙ୍କୁ ଦେଖିବାକୁ ମିଳିଥିବା ବେଳେ ଦ୍ୱିତୀୟ ଘଟଣାରେ ଖେରୋୱାଲି ଢ଼ୋକ ନିକଟରେ ୪ ଜଣ ସନ୍ଦିଗ୍ଧ ଲୋକଙ୍କୁ ଦେଖିବାକୁ ମିଳିଥିଲା। ସୁରକ୍ଷା ବାହିନୀ ତୁରନ୍ତ ସମ୍ପୃକ୍ତ ଅଂଚଳର ତଲାସୀ ନେବା ଏବଂ ସନ୍ଦିଗ୍ଧମାନଙ୍କୁ ଖୋଜିବା ପାଇଁ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରିଛି । ଖବର ଲେଖା ହେବା ପର୍ଯ୍ୟନ୍ତ ସୁରକ୍ଷା ବାହିନୀ ସମ୍ପୃକ୍ତ ଅଂଚଳରେ ଏକ ଅପରେସନ ଚଳାଇଥିଲେ ଏବଂ ଅଧିକ ବିବରଣୀକୁ ଅପେକ୍ଷା କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବାହିନୀ ମଧ୍ୟ ଏହି ଅଂଚଳରେ ନଜର ରଖିଛନ୍ତି।

# ଯୁବ ଯାଦବ ମହାସଭା ତରଫରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ



ଭଦ୍ରକ ୪/୮, (ନି.ପ୍ର) ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ତରଫରୁ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ମାଳଦା ପଂଚାୟତ ର ମାଳଦା ହରିଜନ ସାହି, ଚତୁର୍ଭୁଜପୁର, ଶାରଣା ଆଦି ବିଭିନ୍ନ ବନ୍ୟା ଅଂଚଳ ରେ ଏହି ରିଲିଫ ପ୍ରଦାନ କରାଯାଇଛି । ଅଟା, ବିସ୍କୁଟ, ଚକଲେଟ ଆଦି ବଣ୍ଟନ ହୋଇଛି ପ୍ରାୟ ୩ ଶହ ପରିବାରଙ୍କୁ ଏହି ରିଲିଫ ଦିଆଯାଇଥିଲା । ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଯୁବ ଯାଦବ ସଭାପତି ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଉପସଭାପତି ସଂଜୀବ ନାୟକ, ସୁଜୟ ପାକଳ, ମାଳଦା ପଂଚାୟତ ଯୁବ ଯାଦବ ସଭାପତି ପପୁ ଦାସଙ୍କ ସମେତ, ସାମ୍ବାଦିକ ରାଜେନ୍ଦ୍ର ଶତପଥି, ସରପଞ୍ଚ ପ୍ରତିନିଧି ବାବୁ ପରିଡା, ପାଣୁଆ ସାମଲ, ସୁଧୀର ସେଠି, ଅଶୋକ ଯେନା ପ୍ରମୁଖ ଉପସ୍ଥିତ ଥିଲେ । ଏଭଳି ସମାଜ ସେବା କାର୍ଯ୍ୟକୁ ଗ୍ରାମବାସୀ ମାନେ ପ୍ରଶଂସା କରିଥିଲେ ।

# ସଂସଦ ପରିସରରେ ବିରୋଧୀଙ୍କ ବିକ୍ଷୋଭ: ବିଜେପି ଉପରେ ଅତିଷ୍ଠ ହେଲେଣି ଜନତା- ପ୍ରିୟଙ୍କା



ନୂଆଦିଲ୍ଲୀ, ୦୪/୦୮ : ସଂସଦର ମୌସୁମୀ ଅଧିବେଶନ ସମୟରେ, କଂଗ୍ରେସ, ସମାଜବାଦୀ ପାର୍ଟି, ଆରଜେଡି ଏବଂ ଅନ୍ୟାନ୍ୟ ବିରୋଧୀ ଦଳର ସାଂସଦମାନେ ମଙ୍ଗଳବାର ଦିନ ସଂସଦ ଭବନ ପରିସରରେ ରାମ ମନ୍ଦିରକୁ ଦାନରେ ଅନିୟମିତତା ପ୍ରସଙ୍ଗକୁ ନେଇ ପ୍ରତିବାଦ କରିଥିଲେ। ବିରୋଧୀ ସାଂସଦମାନେ କେନ୍ଦ୍ର ସରକାର ଏବଂ ବିଜେପି ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ, ଉତ୍ତରଦାୟିତ୍ୱ ଦାବି କରିଥିଲେ। କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭାଡ୍ରା, ସମାଜବାଦୀ ପାର୍ଟି ନେତା ରାମ ଗୋପାଳ ଯାଦବ, ଧର୍ମେନ୍ଦ୍ର ଯାଦବ, ଅବଧେଶ ପ୍ରସାଦ, ଆରଜେଡି ସାଂସଦ ମନୋଜ ଝା, ସଞ୍ଜୟ ଯାଦବ, କଂଗ୍ରେସ ନେତା ସୟଦ ନାସିର ହୁସେନ ଏବଂ କର୍ମବୀର ବୌଦ୍ଧଙ୍କ ସମେତ ଅନେକ ବିରୋଧୀ ସାଂସଦ ସଂସଦ ଭବନ ପରିସରରେ ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ ।ବିରୋଧ ସମୟରେ, ଆରଜେଡି ସାଂସଦ ମନୋଜ ଝା ଏକ ପୋଷ୍ଟର ଧରିଥିଲେ ଯେଉଁଥିରେ ଲେଖାଥିଲା, 'ବିଜେପି ରାମଙ୍କୁ ଅପମାନ କରିଛି। ଦାନ ଚୋରି ଉପରେ ଆପଣ କେବେ ବିବୃତ୍ତି ଦେବେ ?' ଅନେକ ସାଂସଦ ପୋଷ୍ଟର ମଧ୍ୟ ପ୍ରଦର୍ଶନ କରିଥିଲେ, 'ଦାନ ଚୋରମାନେ ସିଂହାସନ ଛାଡିଦିଅନ୍ତୁ ।' କଂଗ୍ରେସ ସାଂସଦମାନେ ଏକ ବଡ଼ ପୋଷ୍ଟର ଧରି ପ୍ରଶ୍ନ କରିଥିଲେ, 'ଅମିତ ଶାହ ସଂସଦରୁ କାହିଁକି ନିଖୋଜ ଅଛନ୍ତି ?' ବିରୋଧୀ ସାଂସଦମାନେ ସଂସଦ ପରିସରରେ ପ୍ରତୀକାତ୍ମକ ଭାବରେ ଏକ ଦାନ ବାକ୍ସ ମଧ୍ୟ ରଖିଥିଲେ, ଯେଉଁଥିରେ ଅନେକ ସାଂସଦ ପ୍ରତିବାଦ ସ୍ୱରୂପ ଦାନ ରଖିଥିଲେ। ପ୍ରତିବାଦ ସମୟରେ, 'ଲଜ୍ଜା, ଲଜ୍ଜା' ସ୍ଲୋଗାନ ଦିଆଯାଇଥିଲା, ଯେଉଁଥିରେ ରାମ ମନ୍ଦିର ଦାନରେ ହୋଇଥିବା ଅନିୟମିତତାର ଅଭିଯୋଗ ପାଇଁ ସରକାରଙ୍କୁ ଜବାବ ମାଗିଥିଲା।

# ଡିପିସି ପକ୍ଷରୁ ଉତ୍କଳ ସାମ୍ବାଦିକ ଦିବସ



ଖୋର୍ଦ୍ଧା,୪ ।୮: ଜିଲ୍ଲା ପ୍ରେସ କ୍ଲବ (ଡିପିସି), ଖୋର୍ଦ୍ଧା ପକ୍ଷରୁ ସାମ୍ବାଦିକ ଭବନ ପରିସର ରେ ଉତ୍କଳ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି । କ୍ଲବ ସଭାପତି ତପନ ନାୟକ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଦିବସ ରେ ରାଜେଶ ମହାନ୍ତି, ଲୋହିତ ମହାପାତ୍ର, ସୟଦ ଅନସର ଅଲ୍ଲୀ, ପ୍ରବୀଣ ଭଞ୍ଜ, ସୁଜିତ ବର୍ମନ, ଶୁଭକାନ୍ତ ମହାପାତ୍ର, ଗୋପାଳ କୃଷ୍ଣ ଦାସ, ଫଜଲୁର ମହମ୍ମଦ, ପ୍ରଭାତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରସନ୍ନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଲ୍, ଆରଏସପିରେ 'ପ୍ରୋଜେକ୍ଟ ନିଶ୍ଚୟ' ଅଧୀନରେ କ୍ଷମତା ଏବଂ ଦକ୍ଷତା ବିକାଶ ତାଲିମ ଅନୁଷ୍ଠିତ

ରାଉରକେଲା, ୦୪/୮ (ନି.ପ୍ର) : 'ପ୍ରୋଜେକ୍ଟ ନିଶ୍ଚୟ'ର କ୍ଷମତା ଏବଂ ଦକ୍ଷତା ବିକାଶ (ସିଆଣ୍ଡସିଡି) ପଦକ୍ଷେପର ଏକ ଅଂଶ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା ର ଜ୍ଞାନାର୍ଜନ ଏବଂ ବିକାଶ (ଏଲଆଣ୍ଡଡି) ବିଭାଗର ଗୋପବନ୍ଧୁ ପ୍ରେକ୍ଷାଳୟରେ ଜୁଲାଇ ୨୯ ତାରିଖରେ 'ଇଲେକ୍ଟ୍ରିକାଲ୍ ସେଫ୍ଟି' (ବିଦ୍ୟୁତ୍ ସୁରକ୍ଷା) ଏବଂ 'ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ' (ସାମଗ୍ରୀ ପରିଚାଳନା) ଉପରେ ଏକ ବାଧ୍ୟତାମୂଳକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦକ୍ଷତା ବୃଦ୍ଧି କରିବା ଏବଂ ସୁରକ୍ଷାର ଏକ ଦୃଢ଼ ସଂସ୍କୃତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶିକ୍ଷାନବିଶ (ଆପ୍ରେଣ୍ଟିସ୍) ଟ୍ରେନି ଏବଂ ଠିକା ସୁପରଭାଇଜରଙ୍କ ସମେତ ପ୍ଲାଣ୍ଟର ବିଭିନ୍ନ ବିଭାଗରୁ ପ୍ରାୟ ୧୬୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୁରକ୍ଷା ବିଭାଗର ମହାପ୍ରବନ୍ଧକ ଶ୍ରୀ ଅବକାଶ ବେହେରା କାର୍ଯ୍ୟକ୍ରମର ଉଦଯାପନୀ ଅଧିବେଶନରେ ପୌରୋହିତ୍ୟ କରିଥିଲେ ଏବଂ ତାଲିମ ସମୟରେ ହାସଲ କରାଯାଇଥିବା ଜ୍ଞାନକୁ ଦୈନନ୍ଦିନ କାର୍ଯ୍ୟକ୍ଷେତ୍ରରେ ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ 'ଲାଇନ୍ ଅଫ୍ ଫାୟାର୍' ବିପଦଗୁଡ଼ିକୁ ସକ୍ରିୟ ଭାବରେ ଚିହ୍ନଟ କରିବା, ସେଗୁଡ଼ିକର ସମ୍ଭାବ୍ୟ ପରିଣାମକୁ ବୁଝିବା ଏବଂ ଏହିପରି ବିପଦକୁ ଏଡାଇବା ପାଇଁ ପ୍ରଭାବଶାଳୀ ନିବାରକ ଏବଂ ସଂଶୋଧନାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ। ଭବିଷ୍ୟତର ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡ଼ିକର ନିରନ୍ତର ସୁଧାର ପାଇଁ ସେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ମତାମତ ଏବଂ ପରାମର୍ଶ ଦେବାକୁ ଉତ୍ସାହିତ କରିଥିଲେ। ମ୍ୟାଟେରିଆଲ୍ ହ୍ୟାଣ୍ଡଲିଂ ଅଧିବେଶନକୁ ଏଚଏସଏମ-୨ ବିଭାଗର ଉପ-ପ୍ରବନ୍ଧକ ଶ୍ରୀ ଭକ୍ତହରି ମହାପାତ୍ର ପରିଚାଳନା କରିଥିଲେ, ଯିଏକି 'ଲାଇନ୍ ଅଫ୍ ଫାୟାର୍' ବିପଦ ଉପରେ ବିଶେଷ ଗୁରୁତ୍ୱ ଦେଇ ନିରାପଦ ସାମଗ୍ରୀ ପରିଚାଳନା ପଦ୍ଧତି ଉପରେ ଆଲୋକପାତ କରିଥିଲେ।

ବୁଧବାର, ଅଗଷ୍ଟ ୦୫, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କହ୍ନେଇ ପଣ୍ଡା ସ୍ମୃତି ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୦୪/୦୮ : (ନି.ପ୍ର) ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ମହା ସମାରୋହରେ ବିଶିଷ୍ଟ ସମାଜ ସେବୀ କହ୍ନେଇ ପଣ୍ଡାଙ୍କ ପନ୍ଦର ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଯୋଗ ଗୁରୁ ହରିହର ସାହାଣୀ ଏହି ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶିକ୍ଷାବିତ୍ ପରମା ନନ୍ଦ ଓଝା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ବାଲେଶ୍ୱର ଜିଲ୍ଲା ପାଲା ପରିଷଦର ସଭାପତି ରାଜ କିଶୋର ନାୟକ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ବାସୁଦେବପୁର ପାଲା ମଣ୍ଡଳ ସଭାପତି ପଞ୍ଚାନନ ବେହେରା। ଏହି ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ କୃତ୍ତିବାସ ଚନ୍ଦ୍ର ବେଜ୍,ରମାକାନ୍ତ ବାରିକ୍, ପାଲା ଗାୟକ ରମାକାନ୍ତ ମଲ୍ଲିକ। ଭାଗିରଥି ଅଗସ୍ତି ପ୍ରାରମ୍ଭିକ ଅଭି ଭାଷଣ ଓ କବି ଭାଗୀରଥି ମହନୀ ବେଦ ପାଠ କରିଥିଲେ। ଏହି ଉତ୍ସବରେ ବହୁ ସଂଖ୍ୟାରେ କବି, ସାହିତ୍ୟିକ, ଶିକ୍ଷାବିତ ଓ ପାଲା ଗାୟକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କହ୍ନେଇ ପଣ୍ଡା ସ୍ମୃତି ସଂସଦର ପ୍ରତିଷ୍ଠାତା ତଥା ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।



# ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଖୋରଧା,୦୩/ ୮: (ନି.ପ୍ର) ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅତିରିକ୍ତ ଜିଲ୍ଲାପାଳ, (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁଷୋତ୍ତମ୍ ଦାସଙ୍କ ମିଳିତ ଅଧକ୍ଷତାରେ ଆଜିର ଜିଲ୍ଲା ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୦୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୯୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଅଭିଯୋଗ ଶିବିରରେ ୦୭ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ, ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ସୋନାମିକା ରାୟ, ସମସ୍ତ ବି ଡି ଓ, ସମସ୍ତ ତହସିଲଦାର, ଡେପୁଟି କଲେକ୍ଟର, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋରଧା ଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ,ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।



# ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ସଚେତନତା ସଭା ଆୟୋଜନ



ବାଲେଶ୍ୱର, ୦୪/୮ (ନି.ପ୍ର): ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଷବସ୍ତୁ - 'ଜୀବନର ଚିରନ୍ତନ ବିକାଶର ଅୟମାରମ୍ଭ ପାଇଁ ସ୍ତନ୍ୟ ପାନ :ଏହି ଉପାଦେୟ ପଦକ୍ଷେପକୁ ସଶକ୍ତ କାଟିବା '। ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଜେନା ସଭାପତିତ୍ୱ କରିଥିଲେ। ଉପସ୍ଥିତ ଜିଲ୍ଲା ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଅଧୟନରତ ଛାତ୍ରୀମାନଙ୍କୁ, ସ୍ତନ୍ୟପାନ ସପ୍ତାହର ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜନ୍ମର ଏକ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଇବା ଅତ୍ୟନ୍ତ ଆବଶ୍ୟକ, କାରଣ ଏହା ପିଲାର ଅଭିବୃଦ୍ଧିର ମୂଳଦୁଆ ସ୍ଥାପନ କରିଥାଏ। ଏଥିପାଇଁ ପରିବାରର ସଦଦ୍ୟ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ ବୋଲି ସେ ମତ ବ୍ୟକ୍ତ କରିବା ସଂଗେ ସଂଗେ ଗୃହକୁ ଏହା ଉପରେ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ଅନୁରୋଧ କରିହିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ମିନାକ୍ଷୀ ରାୟ ନିଜର ଅଭିଭାଷଣରେ କହିଥିଲେ ମା କ୍ଷୀର କେବଳ ପିଲା ପାଇଁ ନୁହେଁ ବରଂ ପିତା, ମାତା, ସମାଜ ଏବଂ ଡାକ୍ତର ଙ୍କ ପାଇଁ ସେତିକି ଗୁରୁତ୍ୱପୂର୍ଣ। ମା ପିଲାକୁ ଛ ମାସ ପର୍ଯ୍ୟନ୍ତ କେବଳ ନିଜର କ୍ଷୀର ଏବଂ ପରବର୍ତ୍ତୀ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲୁ ରଖିବା ଜରୁରୀ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଡାକ୍ତର ପରେଶ ଚନ୍ଦ୍ର ନନ୍ଦୀ, ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ ଏବଂ ଟୀକାକରଣ) କହିଥିଲେ ସ୍ତନ୍ୟପାନର ହାର ବଢାଇବା ନିମିତ୍ତ ପରିବାରର ସଦସ୍ୟ ମାନଙ୍କୁ ସଚେତନ କରାଇବା ଜରୁରୀ। ଡାକ୍ତର ଅମୁଲ୍ୟ କୁମାର ଦାସ, ଡାକ୍ତର ସଂଜୀବ କୁମାର ପ୍ରଧାନ, ଚକ୍ରଧର ଜେନା (ଡ଼ି ପି ଏମ ) ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ରର ଅଧକ୍ଷ ଏହି ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପରେ ଗୃହରେ ମତାମତ ରଖିଥିଲେ। ପରେ ତାଲିମରତ ଛାତ୍ରୀମାନେ ସ୍ତନ୍ୟପାନ ଉପରେ ସମାଜରେ ଚଳି ଆସୁଥିବା କୁ ପ୍ରଥା ଏବଂ ତାକୁ କିପରି ଦୂର କରାଯାଇ ପାରିବ ତାରି ଉପରେ ଏକ ମନୋରମ ନାଟକ ପରିବେଷଣ କରିଥିଲେ। ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ି ଏମ ଆର ସି ଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରାଞ୍ଚିସ୍ଥିତ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଲି ବିଭାଗର ଛାତ୍ରଛାତ୍ରୀ ଓ ଅଧାପକମାନଙ୍କର ଏକ ପ୍ରତିନିଧି ଦଳର ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ

ବାରିପଦା ୪/୮: ରାଞ୍ଚିସ୍ଥିତ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର କୁଡ଼ମାଲି ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ଅଧାପକମାନଙ୍କର ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଅଞ୍ଚଳରେ ଆୟୋଜିତ ଶିକ୍ଷାଗତ ଓ ସାଂସ୍କୃତିକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ପ୍ରତିନିଧିଦଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୁଡ଼ମାଲି ଭାଷାର ଏକ ସ୍ନାତକୋତ୍ତର ବିଭାଗ ପ୍ରତିଷ୍ଠା କରିବା ପାଇଁ ଏକ ଆନୁଷ୍ଠାନିକ ପ୍ରସ୍ତାବ ପ୍ରଦାନ କରିଥିଲେ । ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ ଯେ କୁଡ଼ମାଲି ପୂର୍ବ ଭାରତର ଏକ ସମୃଦ୍ଧ ଲୋକଭାଷା, ଯାହା ଆଦିବାସୀ ଓ ଅଣଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବହୁଳ ଭାବେ ପ୍ରଚଳିତ ଏବଂ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଏକାଧିକ ବିଶ୍ୱବିଦ୍ୟାଳୟରେ ଏହି ବିଭାଗ ସଫଳତାର ସହ ଚାଲୁଥିବାରୁ ଓଡ଼ିଶାରେ ଏହାର ପ୍ରତିଷ୍ଠା ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣକୁ ନୂତନ ଦିଗ ପ୍ରଦାନ କରିବ । ପ୍ରତିନିଧିମାନେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ଅଧାପକମାନଙ୍କ ସହ ସକ୍ରିୟ ଶିକ୍ଷାଗତ ସହଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ । ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରିବା ସହ ନୃତତ୍ତ୍ୱ ପରୀକ୍ଷାଗାରରେ ଥିବା ଆଧୁନିକ ବୈଜ୍ଞାନିକ ଉପକରଣ ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ସଂଗ୍ରହାଳୟରେ ସଂରକ୍ଷିତ ଦୁର୍ଲଭ ଆଞ୍ଚଳିକ ନିଦର୍ଶନ, ଆଦିବାସୀ ବସ୍ତ୍ର ଓ ଜନଜାତି କଳାକୃତିର ଅଧୟନ କରିଥିଲେ । ପ୍ରତିନିଧିଗଣ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି, ନୃତତ୍ତ୍ୱ ଓ ଜନଜାତି ଅଧ୍ୟୟନ ବିଭାଗର ମୁଖ୍ୟ ଡ଼. ବସନ୍ତ କୁମାର ମହାନ୍ତ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ସେମାନଙ୍କର ଶିକ୍ଷାଗତ ମାର୍ଗଦର୍ଶନ, ସମନ୍ୱୟ ଏବଂ ଆନ୍ତରିକ ଆତିଥ୍ୟ ପାଇଁ ଗଭୀର କୃତଜ୍ଞତା ଜଣାଇଥିଲେ ।



# ଛାତ୍ରଛାତ୍ରୀଙ୍କ ଦାବି ଓ ସାଂସଦଙ୍କ ହସ୍ତକ୍ଷେପ ପରେ ତାରିଖ ବଦଳିଲା

ଖଇରା, ୪।୮ (ନି.ପ୍ର) ଗୋଟିଏ ଦିନରେ ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଅଧୀନରେ ଥିବା ସମସ୍ତ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଦ୍ୱିତୀୟ ସେମିଷ୍ଟାର ଓ ସିଟି ପରୀକ୍ଷା କୁ ନେଇ ଖଇରା ଓ ଔପଦା କଲେଜ ସମେତ ଜିଲାର ଅନ୍ୟାନ୍ୟ ବିଦ୍ୟାଳୟ ଗୁଡିକ ଅସନ୍ତୋଷ ପ୍ରକାଶ କରିଥିଲେ । ମଙ୍ଗଳବାର ଫକୀର ମୋହନ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅଗଷ୍ଟ ୭ତାରିଖ ପରିବର୍ତ୍ତେ ଅଗଷ୍ଟ ୨୪ତାରିଖରେ କରାଯିବାକୁ ଚିଠି ସଂଖ୍ୟା ଆଇଇ -୦୧/୨୦୨୬/ ୪୯୯୨ ମାଧ୍ୟମରେ ବିଭିନ୍ନ ମହାବିଦ୍ୟାଳୟକୁ ଅବଗତ କରାଇବା ପରେ ପିଲା ମାନେ ସନ୍ତୋଷ ପ୍ରକାଶ କରିଥିଲେ । ଏଥିପାଇଁ ଖଇରା ମହାବିଦ୍ୟାଳୟ ଛାତ୍ରୀ ଜ୍ୟୋତିର୍ମୟୀ ପଣ୍ଡା,ମିନାକ୍ଷୀ ନାୟକ ଓ ଔପଦା ମହାବିଦ୍ୟାଳୟ ଛାତ୍ରୀ ସ୍ମୃତିରେଖା ପଣ୍ଡା, ଗୀତିପ୍ରଜ୍ଞା ଗିରି, ସୌମ୍ୟାଶ୍ରୀ ସ୍ୱାଇଁ ପ୍ରମୁଖ ବାଲେଶ୍ୱର ଏମପି ପ୍ରତାପ ଷଡଙ୍ଗୀ, ବିଶ୍ୱବିଦ୍ୟାଳୟ କୁଳପତି, ପରୀକ୍ଷା ନିୟନ୍ତ୍ରକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଅଗଷ୍ଟ ୭ତାରିଖରେ ସିଟି ପରୀକ୍ଷା ପାଇଁ ବହୁ ପୂର୍ବରୁ ତାରିଖ ନିର୍ଦ୍ଧାରିତ ହୋଇ ସାରିଥିବା ବେଳେ ଫକୀର ମୋହନ ଗତ ଜୁଲାଇ ୧୮ତାରିଖ ପତ୍ର ସଂଖ୍ୟା ୪୬୬୫ରେ ଅଗଷ୍ଟ ୭ତାରିଖରେ +୩ ପ୍ରଥମ ବର୍ଷର ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ସମାନ ସମୟରେ କରାଯିବାକୁ ଚିଠି କରାଯାଇଥିଲା । ଏଥିରେ ଖଇରା ଓ ଔପଦା କଲେଜ ର ଛାତ୍ରୀଛାତ୍ର ମାନେ ସିନିୟର ଅଧ୍ୟାପକ ଦ୍ୱାରିକାନାଥ ଶତପଥିଙ୍କ ମାଧ୍ୟମରେ ବାଲେଶ୍ୱର ସାଂସଦଙ୍କୁ ପ୍ରକୃତ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ । ଏମପି ମଧ୍ୟ ଛାତ୍ରୀଛାତ୍ରମାନଙ୍କର ଏହି ସମସ୍ୟାକୁ ହୃଦୟଙ୍ଗମ କରି ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ ତ୍ରୀପାଠୀଙ୍କୁ ଅବଗତ କରାଇଥିଲେ ।

# ବିଶିଷ୍ଟ ରାଜନୀତିଜ୍ଞ, ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣଙ୍କ ୯୩ତମ ଜନ୍ମଦିବସ ଅନୁଷ୍ଠିତ

ଭୁବନେଶ୍ୱର ତା୦୪/୦୮ : ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ରାଜନେତା, ପ୍ରାକ୍ତନ ମନ୍ତ୍ରୀ, ରାଜ୍ୟପାଳ, ସାହିତ୍ୟିକ, ପାଇକ ସଂଗ୍ରାମୀ, ନାଟ୍ୟକାର ତଥା ଓଡ଼ିଆ ଭାଷା, ସାହିତ୍ୟର ଅଗ୍ରଣୀ ପୁରୋଧା ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ସ୍ୱନକ୍ଷତ୍ର ଦିବସ ସହିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସଭାପତି ଭାବେ ଓଡିଶାର ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ତଥା ଅଭିଯାନର ଅଧ୍ୟକ୍ଷ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ, ବିଧାୟକ ଗଣେଶ୍ୱର ବେହେରା, ଡ଼ଃ ହରେକୃଷ୍ଣ ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରାକ୍ତନ ସାଂସଦ ପ୍ରସନ୍ନ ପାଟଶାଣୀ, ଭାଷାବିଜ୍ଞାନୀ ଡ଼ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଅତିଥି ସମୂହ ଉପସ୍ଥିତ ରହିବା ସହ ଏହିପରି ପୁଜ୍ୟପୂଜା କାର୍ଯ୍ୟକ୍ରମ ଆଜିର ବହୁ ପ୍ରାସଙ୍ଗିକତା ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଜଣେ ସରଳ, ନିଷ୍ଠାପର, ଦକ୍ଷ, ସାହିତ୍ୟିକ, ରାଜନେତା, ସଂଗ୍ରାମୀ, ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ଆଜିର ଯୁବପୀଢ଼ି ଓ ଆଗାମୀ ପୀଢ଼ିଙ୍କ ମାର୍ଗଦର୍ଶନ ଉକ୍ତ କାର୍ଯ୍ୟକ୍ରମ ହେବ ବୋଲି ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ବିଧାୟକ ବାବୁ ସିଂ ଓ ଗବେଷକ ବାଳ ମୁକୁନ୍ଦ ଦାସଙ୍କୁ 'ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା।




# କଂଗ୍ରେସ ପକ୍ଷରୁ ୨୭ ନମ୍ବର ୱାର୍ଡ଼ରେ ରିଲିଫ ବଂଟନ

ଭଦ୍ରକ,୪।୮ (ନି.ପ୍ର): ୨୦୧୧ ମସିହା ପରେ ଭଦ୍ରକ ସହର ମଧ୍ୟ ଦେଇ ପ୍ରବାହିତ ସାଳନ୍ଦୀ ନଦୀରେ ବଡ଼ ବନ୍ୟା ଆସି ଜନ ଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ଭଦ୍ରକ ପୌରାଂଚଳର ୭ଟି ୱାର୍ଡ଼ ଗଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ୨୭ ନମ୍ବର ୱାର୍ଡ଼ରେ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଳିନୀ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓ ସ୍ଥାନୀୟ ପାରିଷଦ ସେହେଜାଦି ଦୂରେ ଜିଲ୍ଲାଙ୍କ ଓ ତାଙ୍କ ପ୍ରତିନିଧି ତନଭୀର ଖାନଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ବନ୍ୟା ପିଡ଼ୀତଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝିଥିଲେ। ଏହି ଅବସରରେ ଭାଙ୍ଗି ଯାଇଥିବା ଘରର ପରିବାରକୁ ଜରି ପାଲ ଓ ପିଡ଼ୀତ ପରିବାରକୁ ଛତା ଓ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ଏହାବ୍ୟତୀତ ଉକ୍ତ ୱାର୍ଡ଼ ବୁଲି ପ୍ରଭାବିତ ପରିବାରଙ୍କ କ୍ଷୟକ୍ଷତି ବୁଲି ଦେଖିବା ପରେ ଏନେଇ ଜିଲ୍ଲାପାଳଙ୍କ ସହ ଏଦିଗରେ ଆଲୋଚନା କରିବେ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ। ତେବେ ସାଳନ୍ଦୀ ସଂସ୍କାର ଯୋଜନାରେ ବିପୁଳ ଅର୍ଥ ବ୍ୟୟ କରାଯାଇଥିଲା କେବଳ ସାଳନ୍ଦୀ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ। ମାତ୍ର ନିମ୍ନମାନର କାର୍ଯ୍ୟ ଓ ଠିକାଦାର ସନ୍ତୁଷ୍ଟିକରଣ ନୀତି ଯୋଗୁ ଏହି ଯୋଜନାର ସୁଫଳରୁ ଜିଲ୍ଲାବାସୀ ବଂଚିତ ହୋଇଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି। ତେବେ ସାଳନ୍ଦୀ ବନ୍ୟାର ସ୍ଥାୟୀ ସମାଧାନ ପାଁ ସେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ରିଲିଫ ବଂଟନ ଅବସରରେ ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପିତବାସ ଧଳ, ରାଜେନ୍ଦ୍ର ପ୍ରସାଦ ଜେନା, ବଳରାମ ରାଉତ, ବିଜୟ ବାରିକ, ନାରୀନେତ୍ରୀ ଶର୍ମିଷ୍ଠା ପଣ୍ଡା, ଶେଖ ହସିନା, ଏନାମୁଲ ହକ୍, ଇଲ୍‌ଲିୟାସ ଅଲ୍ଲୀ ଖାନ ପ୍ରମୁଖ ଉପସ୍ଥିତ ଥିଲେ।

BETNOTI COLLEGE OF NURSING
COLLEGE ROAD, BETNOTI, MAYURBHANJ
Approved by: Health & Family Welfare Department, Govt. of Odisha, Bhubaneswar
(Recognised by : Odisha Nursing Council, Bhubaneswar)
(Affiliated to ODISHA UNIVERSITY OF HEALTH SCIENCES, BBSR, ODISHA)
Course Offer: ADMISSION OPEN : 2026-27
B.Sc. Nursing
(4 Years Degree Course)
Eligibility : +2 Science with Biology (Mark 45% & 40% for SC/ST Students)
MUST BE QUALIFIED IN CET ENTRANCE
BETNOTI SCHOOL OF NURSING
G.N.M. 3 YEARS DIPLOMA COURSE
Eligibility : +2 Arts/ Science/ Commerce
A.N.M. 2 YEARS COURSE
(Mark 40% & 35% for SC/ST Students)
Eligibility : +2 Arts/ Science/ Commerce
(Clinical Training at D.H.H. & P.R.M. Medical College, Baripada)
FACILITIES : Most Experienced Faculties, In Campus Girl's Hostel, Canteen, well Equipped, Laboratories, Library, Smart, Class Rooms, Separate, Boy's Hostel & Free Wi-fi.
STIPEND FOR SC/ST/OBC & SEBC STUDENTS
Contact for Admission:
7008973851, 8455087373, 9861373681

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida